## ରୋହିତ, ରାହାଣେ ଓ ଦୁବେଙ୍କୁ ଆଉଟ୍ କରି ଚର୍ଚ୍ଚାରେ ଉମର ମୀର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୩୫୬ ● ୨୪ ଜାନୁଆରୀ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-356 ● 24th January 2025, Friday ● Bhubaneswar
Licensed to post without pre-payment of postage No- BN-60/25-27

# ନେତାଜୀଙ୍କ ସଶସ୍ତ୍ର ସଂଗ୍ରାମ ହୋଇନଥିଲେ, ବ୍ରିଟିଶ ସରକାର ଆହୁରି କିଛି ବର୍ଷ ଭାରତରେ ଶାସନ କରିଥାନ୍ତେ

**ଭୁବନେଶ୍ୱର, ୨୩।୧**
**ନ୍ୟୁଜ୍ ବ୍ୟୁରୋ**

ନେତାଜୀ ଥିଲେ ଅଦମ୍ୟ ସାହସର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ଜନ୍ମର ୧୦୦ ବର୍ଷ ପରେ ମଧ୍ୟ ଯେତେବେଳେ ସଂଗ୍ରାମ ଓ ଦେଶାତ୍ମବୋଧର ଆଲୋଚନା ହୁଏ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାମ ସର୍ବାଗ୍ରେ ରହିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର କଟକ ଠାରେ ପରାକ୍ରମ ଦିବସ ପାଳନ ଅବସରରେ କହିଛନ୍ତି ।



ବାରବାଟୀ ଦୁର୍ଗର ସତ୍ୟବ୍ରତ ଷ୍ଟାଡିୟମ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜନ୍ମବାର୍ଷିକୀ ଉପଲକ୍ଷେ ଆୟୋଜିତ ପରାକ୍ରମ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ବ୍ରିଟିଶ ଶାସନ ବିରୋଧରେ ନେତାଜୀଙ୍କ ବୀରତ୍ୱ ଓ ଯୁଦ୍ଧ କୌଶଳ ଦେଶର ସ୍ୱାଧୀନତା ପାଇଁ ଏକ ମୁଖ୍ୟ କାରଣ ଥିଲା। ଏହି ବୀର ଜନନାୟକଙ୍କୁ ସମ୍ମାନ ଅର୍ପଣ କରିବା ପାଇଁ ତାଙ୍କ ଜନ୍ମ ଦିବସକୁ ପରାକ୍ରମ ଦିବସ ଭାବେ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୧ ଜାନୁଆରୀ ୧୯ ତାରିଖରୁ ଘୋଷଣା କରିଛନ୍ତି । ଓଡିଶାର ଏହି ବୀର ସନ୍ତାନଙ୍କ ଜନ୍ମ ସହରରେ ତାଙ୍କ ଜନ୍ମ ଦିବସକୁ ପାଳନ କରିବା ଆମ ପାଇଁ ବଡ ସୌଭାଗ୍ୟର ଅବସର ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ଅନେକ ଐତିହାସିକ ଓ ସେସମୟର ବ୍ରିଟିଶ ଶାସକ ମାନେ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ନେତାଜୀଙ୍କ ସଶସ୍ତ୍ର ସଂଗ୍ରାମ ହୋଇନଥିଲେ, ହୁଏତ ଆହୁରି କିଛି ବର୍ଷ ବ୍ରିଟିଶ ସରକାର ଭାରତରେ ଶାସନ କରିପାରିଥାନ୍ତେ । ନେତାଜୀଙ୍କ ବୀରତ୍ୱ ଓ ସଂଗ୍ରାମକୁ ସମ୍ମାନ ପ୍ରଦର୍ଶନ କରି ଆମ ପ୍ରଧାନମନ୍ତ୍ରୀ ୨୦୧୮ ଡିସେମ୍ବର ୩୦ ତାରିଖରେ ଭାରତ ବର୍ଷର ରସ୍ ଦୀପକୁ ନେତାଜୀ ସୁଭାଷ ବୋଷ ଦୀପ ଭାବେ ନାମ କରଣ କରିଛନ୍ତି ବୋଲି ସେ କହିଥିଲେ ।

ସେ ପୁଣି କହିଥିଲେ ଆଜି ତାଙ୍କ ଜନ୍ମ ସହର କଟକ ସାରା ଦେଶରେ ଗର୍ବିତ। କଟକର ଓଡିଆ ବଜାର ହେଉଛି ନେତାଜୀଙ୍କ ଜନ୍ମସ୍ଥାନ । ତାଙ୍କ ବାଲ୍ୟ ଜୀବନ ଏହିଠାରେ ହିଁ କଟିଛି । ରେଭେନ୍ସା କଲିଜିଏଟ ସ୍କୁଲର *(ପୃଷ୍ଠା ୭ରେ)*

# ମହାରାଷ୍ଟ୍ରରେ ଟ୍ରେନ୍ ଦୁର୍ଘଟଣା : ୧୨ ମୃତ

**ଜଳଗାଓଁ, ୨୩।୧**

ମହାରାଷ୍ଟ୍ରର ଜଳଗାଓଁ ଜିଲ୍ଲାରେ ବୁଧବାର ଟ୍ରେନ ଦୁର୍ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ଟ୍ରେନ୍‌ରେ ନିଆଁ ଲାଗିଛି ବୋଲି ଏକ ଗୁଜବ ପ୍ରଚାରିତ ହେବା ପରେ ଭୟଭୀତ ହୋଇ ପୁଷ୍ପକ ଏକ୍ସପ୍ରେସର ଯାତ୍ରୀମାନେ ଟ୍ରେନ୍‌ରୁ ଡେଇଁ ପଡ଼ିବା ପରେ ବିପରୀତ ଦିଗରୁ ଆସୁଥିବା କର୍ଣ୍ଣାଟକ ଏକ୍ସପ୍ରେସ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ରିପୋର୍ଟ ଅନୁଯାୟୀ, ପୁଷ୍ପକ ଏକ୍ସପ୍ରେସ୍‌ରେ ନିଆଁ ଲାଗିବାର ଗୁଜବ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ଏହି ବିଶୃଙ୍ଖଳା ଭିତରେ କିଛି ଯାତ୍ରୀ ଜରୁରୀକାଳୀନ ଚେନ ଟାଣି ଚଳନ୍ତା ଟ୍ରେନରୁ ଡେଇଁ ପଡ଼ିଥିଲେ। ସେମାନେ ସମାନ୍ତରାଳ ଟ୍ରାକ୍‌ରେ ଓହ୍ଲାଇବା ବେଳେ ବିପରୀତ ଦିଗରୁ ଆସୁଥିବା କର୍ଣ୍ଣାଟକ ଏକ୍ସପ୍ରେସ ସେମାନଙ୍କୁ ଧକ୍କା ଦେଇଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ମୃତକଙ୍କ ପ୍ରକୃତ ସଂଖ୍ୟା ଓ ଆହତଙ୍କ ଅବସ୍ଥା ଯାଞ୍ଚ କରାଯାଉଛି ବୋଲି ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ କର୍ମଚାରୀଙ୍କ ସହ ଡାକ୍ତରୀ ଦଳ ଘଟଣାସ୍ଥଳରେ *(ପୃଷ୍ଠା ୭ରେ)*



# ବିରୋଧୀଙ୍କୁ ବାଚସ୍ପତି ସୁରମା ପାଢ଼ୀଙ୍କ କଡ଼ା ଚେତାବନୀ

**ଭୁବନେଶ୍ୱର, ୨୩।୧**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ବିଧାନସଭା ବଜେଟ୍ ଅଧିବେଶନ ଫେବୃଆରୀ ୧୩ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ବାଚସ୍ପତି ସୁରମା ପାଢୀ ବିରୋଧୀଙ୍କ ଉଦ୍ଦେଶ୍ୟରେ ଚେତାବନୀ ଶୁଣାଇଛନ୍ତି। ବାଚସ୍ପତି କହିଛନ୍ତି, ବିଧାନସଭାରେ ବିରୋଧୀ ବିଶୃଙ୍ଖଳା ଆଚରଣ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସରକାରୀ ଦଳ ବଜେଟ ଉପସ୍ଥାପନା କରିବେ। ବିରୋଧୀ ଦଳଙ୍କର ଯଦି କୌଣସି ବିଷୟ ଉପସ୍ଥାପନ କରିବାର ଥିବ ତେବେ ଗଠନମୂଳକ ପରାମର୍ଶ ଦେଲେ ଏହା ନିଶ୍ଚିତ ଉପାଦେୟ ହେବ। ବିରୋଧୀମାନେ ବିରୋଧାଭାସ କଲେ, ବିଶୃଙ୍ଖଳା କଲେ ଏହି ବିଶୃଙ୍ଖଳାକୁ ଆଉ ବରଦାସ୍ତ କରାଯିବ ନାହିଁ। ବିରୋଧୀ ଦଳ ବିରୋଧୀ ଭୂମିକା ନିର୍ବାହ କରିବା ସହିତ ଗଠନମୂଳକ ପରାମର୍ଶ ଦିଅନ୍ତୁ। ସମୟ ଅଛି ସର୍ବଦଳୀୟ ବୈଠକ ଡକାଯିବ। ଏ ନେଇ ତାରିଖ ସ୍ଥିର ହୋଇନି ବୋଲି ବାଚସ୍ପତି କହିଛନ୍ତି ।

ସୂଚନାଯୋଗ୍ୟ, *(ପୃଷ୍ଠା ୭ରେ)*



TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ପାକିସ୍ତାନ-ବାଂଲାଦେଶ ମିଳିତ ଗୁପ୍ତଚରୀ ଯୋଜନା: ଭାରତ ପାଇଁ ବଡ଼ ବିପଦ

**ଢାକା, ୨୩।୧**

ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ ବଢୁଥିବା ସାମରିକ ସମ୍ପର୍କ ମଧ୍ୟରେ ପାକିସ୍ତାନ ସେନାର ଗୁପ୍ତଚର ବିଭାଗ ଆଇଏସଆଇର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଅସୀମ ମଲିକ ବାଂଲାଦେଶ ଗସ୍ତ କରିଛନ୍ତି । ଦଶନ୍ଧି ମଧ୍ୟରେ ପାକିସ୍ତାନୀ ଗୁପ୍ତଚର ଏଜେନ୍ସି ମୁଖ୍ୟଙ୍କ ଢାକାକୁ ଏହା ପ୍ରଥମ ଗସ୍ତ ।

ଯାହା ଭାରତର ପୂର୍ବ ଏବଂ ଉତ୍ତର ପୂର୍ବ ସୀମାରେ ନୂତନ ସୁରକ୍ଷା ଚ୍ୟାଲେଞ୍ଜକୁ ନେଇ ଚିନ୍ତା ବଢାଇଛି। ଆଇଏସଆଇ ମୁଖ୍ୟଙ୍କ ଗସ୍ତ ଏପରି ଏକ ସମୟରେ ଆସିଛି ଯେତେବେଳେ ଗତ ସପ୍ତାହରେ ବାଂଲାଦେଶରୁ ଏକ ଉଚ୍ଚସ୍ତରୀୟ ପ୍ରତିରକ୍ଷା ପ୍ରତିନିଧି ଦଳ ପାକିସ୍ତାନ *(ପୃଷ୍ଠା ୭ରେ)*

DSPL-346
Pradhan Mantri Awaas Yojna-Gramin
ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ
ଓଡ଼ିଶା ସରକାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ରେ ନୂତନ ହିତାଧିକାରୀ ଚୟନ ନିମନ୍ତେ ସର୍ଭେ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ଆବାସ ପ୍ଲସ ମୋବାଇଲ ଆପ୍ (AwaasPlus2024 App) ଜରିଆରେ ସର୍ଭେ।
- ପ୍ରଥମ ଥର ପାଇଁ ଆଶାୟୀ ପରିବାର ନିଜେ ନିଜର ସର୍ଭେ କରିବା ସହ ପୃଥକ୍ ଭାବେ ବାସ କରୁଥିବା ପରିବାର ମଧ୍ୟ ସର୍ଭେରେ ସାମିଲ ହୋଇପାରିବେ।
- ଯୋଗ୍ୟତାର ମାନଦଣ୍ଡକୁ କୋହଳ କରାଯାଇ ଦୁଇ ଚକିଆ ଯାନ, ରେଫ୍ରିଜେରେଟର ଓ ଲ୍ୟାଣ୍ଡ ଲାଇନ ଫୋନ ଥିବା ପରିବାର ମଧ୍ୟ ସର୍ଭେ ତାଲିକାଭୁକ୍ତ ହୋଇପାରିବେ।
- ଗୃହ ମଞ୍ଜୁର ପାଇଁ ପରିବାରର ମାସିକ ଆୟ ସୀମା ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି।

ପ୍ରତ୍ୟେକ ଯୋଗ୍ୟ ପରିବାରଙ୍କୁ ସର୍ଭେ ତାଲିକାଭୁକ୍ତ କରିବା ପାଇଁ ସରକାରଙ୍କୁ ସହଯୋଗ କରିବାକୁ ଅନୁରୋଧ।

ପୂରଣ ହେବ ପକ୍କା ଘର ଆଶା, ବିକଶିତ ହେବ ଆମ ଓଡ଼ିଶା

OIPR : 19001/13/0009/2425

ସହାୟତା ପାଇଁ ଟୋଲ୍ ଫ୍ରି ନମ୍ବର ୦୬୭୪- ୬୯୧୭୭୭୭ ରେ ଯୋଗାଯୋଗ କରନ୍ତୁ।
ବିସ୍ତୃତ ସୂଚନା https://pmayg.nic.in / https://www.rhodisha.gov.in ରେ ଉପଲବ୍ଧ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଜାନୁଆରୀ, ଶୁକ୍ରବାର, ୨୦୨୫





# କଟକରୁ ଚୋର ଗିରଫ : ଜଗତସିଂହପୁରରୁ ଚୋରିସାମଗ୍ରୀ ଜବତ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ପୋଲିସ ଓ ବିରିଡି ପୋଲିସ ପକ୍ଷରୁ ହୋଟେଲ ରାଜାରୁ ଚୋରି ସାମଗ୍ରୀ ଜବତ ହୋଇଥିବେଳେ କଟକ ଅଞ୍ଚଳରୁ ଚୋରକୁ ଗିରଫ କରିବାରେ ସଫଳ ହୋଇଥିବା ଜଗତସିଂହପୁର ପୋଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ନିରାକାରପୁର ଥାନା ଅଧୀନ ବଡ଼ପୋଖରୀଆ ଗ୍ରାମର ସର୍ବେଶ୍ୱର ପ୍ରଧାନଙ୍କ ପୁଅ ସୁରେଶ ପ୍ରଧାନ ବୋଲି ପୋଲିସ ଜାଣିବାକୁ ପାଇଥିଲା । ଚୋର ସୁରେଶ ପ୍ରଧାନ ଜଗତସିଂହପୁର ସ୍ଥିତ ବଡ଼ବାଜାରରେ ଥିବା ଭି ବଜାର, ବିରିଡି ଥାନା ଅଞ୍ଚଳର ଏକ ମୋବାଇଲ୍ ଦୋକାନ ଓ ବାଦାମବାଡ଼ି ସମେତ ବିଭିନ୍ନ ସ୍ଥାନରୁ ସୌକିନ ସାମଗ୍ରୀ ଚୋରିକରି ଜଗତସିଂହପୁର ସ୍ଥିତ ହୋଟେଲ ରାଜାର ଏକ ରୁମ୍‌ରେ ରଖିଥିଲା । ଭି ବଜାର ଶାଖା ପରିଚାଳକ ତୁଷାରକାନ୍ତ ଭଟ୍ଟ ଭି ବଜାରର ଛାତ ଘର ଲୁହା କବାଟକୁ ଭାଙ୍ଗି ସାମଗ୍ରୀ ଚୋରି ଯାଇଥିବା ଜଗତସିଂହପୁର ଥାନାରେ ଅଭିଯୋଗ କରିଥିଲେ । ବିରିଡି ମୋବାଇଲି ଦୋକାନ ମାଲିକ ମଧ୍ୟ ବିରିଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବିରିଡ଼ି ଥାନା ଅଧିକାରୀ ସବ୍ୟସାଚୀ ରାଉତ ଓ ଅନ୍ୟ ଟିମ୍‌ଙ୍କ ସହିତ ଚୋର ସୁରେଶକୁ କଟକରୁ ଗିରଫ କରିଥିବା ବେଳେ ଜଗତସିଂହପୁର ପୋଲିସ ସହାୟତାରେ ଜଗତସିଂହପୁରସ୍ଥିତ ହୋଟେଲ ରାଜା / ସୁଭଦ୍ରା ଗେଷ୍ଟ ହାଉସରୁ ଚୋରି ସାମଗ୍ରୀ ଓ ଚୋରି ପାଇଁ ବ୍ୟବହୃତ ହେଉଥିବା ଦୌଡ଼ି, ଲୁହା ରଡ଼, ଶାବଳ, ରେଞ୍ଚ, ହାତୁଡି, ଛୋଟ କଟର ସମେତ କିଛି ସାମଗ୍ରୀ ପୋଲିସ ଜବତ କରିଛି । ଚୋରି ସାମଗ୍ରୀ କସମେଟିକ, ଡ୍ରାଏ ଫ୍ରୁଟ୍, ଡ୍ରେସ୍, ବ୍ୟାଗ, ମୋବାଇଲି, ଜୋତା, ୫୦ ହଜାର ଟଙ୍କା ମୂଲ୍ୟର ଟ୍ରଲି ବ୍ୟାଗ, ସ୍କୁଲ ବ୍ୟାଗ, ନଗଦ ୬ ସହ ଟଙ୍କା ଜବତ ହୋଇଥିବା ବେଳେ ମୋବାଇଲି ଦୋକାନରୁ ଉଷା ଇଲେକ୍ଟ୍ରି ଆଇରନ, ଟେବଲ୍ଲୁ ଫ୍ୟାନ, ଚାର୍ଜର, ଡାଟା କେବଲ, ଇଅର ଫୋନ, ଦୁଇଟି ଆଣ୍ଡ୍ରୋଏଡ଼ ଫୋନ, ଦୁଇଟି ଲାଭା ଫୋନ, ଟ୍ରଚ ଲାଇଟ ସମେତ ୯୦୦ ନଗଦ ଟଙ୍କା ସମେତ ବିଭିନ୍ନ ସାମଗ୍ରୀ ଜବତ ହୋଇଥିବା ପୋଲିସ ସୂତ୍ରରୁ ସୂଚନା ଦିଆଯାଇଛି । ଚୋର ସୁରେଶ ଠାରୁ ଆଧାର କାର୍ଡ, ଏଟିଏମ କାର୍ଡ, ପାନ୍‌କାର୍ଡ ଭୋଟର କାର୍ଡ ସମତେ ବିଭିନ୍ନ କାର୍ଡ ଜବତ କରିଛି । ବିରିଡି ପୋଲିସ କେଶ୍ ନମ୍ବର ୮/୨୫ ଓ କେଶ୍ ନମ୍ବର ୧୫/୨୫ରେ ମାମଲା ରୁଜୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

# ୭ ଦଫା ଦାବି ନେଇ କଣ୍ଟାବାଞ୍ଜି ଡାକ୍ତରଖାନା ସମ୍ମୁଖରେ ଗଣଧାରଣା

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**




ବଲାଙ୍ଗିର ଜିଲ୍ଲାର ପ୍ରମୁଖ ଡାକ୍ତରଖାନା କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର । ଏହା ଉପରେ କଣ୍ଟାବାଞ୍ଜି, ମୁରିବାହାଲ, ତୁରେକେଲା, ବଙ୍ଗୋମୁଣ୍ଡା ବ୍ଲକ ତଥା ନୂଆପଡ଼ା ଜିଲ୍ଲାର ହଜାର ହଜାର ଲୋକ ନିର୍ଭର କରନ୍ତି । ଏଠାରେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ମିଳିପାରୁନାହିଁ । ସବୁ ସମୟରେ ଅଭିଯୋଗ ଆସୁଛି । ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ୭ ଦଫା ଦାବି ନେଇ କଣ୍ଟାବାଞ୍ଜି ବିକାଶ ପରିଷଦ ନେତା ଅଜୟ ଦାସଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଣ୍ଟାବାଞ୍ଜି ମେଡ଼ିକାଲ ଇନଚାର୍ଜ ରାକେଶ ପଣ୍ଡିତଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଆନ୍ଦୋଳନ ସମୟରେ ବିଶାଳ ବେହେରା, ଦେବରାଜ ଯାଦବ, ବିଷ୍ଣୁ ବେହେରା, ଛୋଟୁ ଖାନ, ସୁରଥ ବେହେରା, ପ୍ରଫୁଲ୍ଲ ନାୟକ, ଅଶୋକ କୁଆଁର, ଏକାମ୍ବର ରଣା, କୃଷ୍ଣ ବାରିକ, ଲଛମନ ପୁଟେଲ, ଲବ ପୁଟେଲ, ମିନିକେତନ ପାତ୍ର, ମଦନ ଭାଟି, ପିଙ୍କୁ ବାଗ, ରୋମାଞ୍ଚଳ ବେହେରା, ଦେବରାଜ ଦଣ୍ଡସେନା, ରାଜେଶ ଶର୍ମା, ନାରୀନେତ୍ରୀ ସସ୍ମିତା ଦଣ୍ଡସେନା, କୃତିକା ମାଝୀ, ସରୋଜିନୀ ବେହେ, ଯଜ୍ଞସେନୀ ନାଗ ସହ ବିକାଶ ପରିଷଦ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ ।

# ମହିଳା ଉଚ୍ଚ ବିଦ୍ୟାଳୟର ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି । ୧୦ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଟ୍ରେନର ଜ୍ୟୋତ୍ସ୍ନାନନ୍ଦ ୧୨୬ ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ପ୍ରଦାନ କରିଥିଲେ । ସୋମବାର ଉଦ୍‌ଯାପନ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷା କବିତା ସାମଲଙ୍କ ସଭାପତିତ୍ୱର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସଂଯୋଜକ ସୁନିତା ମହାନ୍ତି ପରିଚାଳନା କରିଥିଲେ, ଅଧାପିକା ମାଙ୍ଗଳିକ ଦାସ, ପ୍ରଭାସିନୀ ପ୍ରଧାନ, ସୋନାଲି ସାହୁ ବେଦମତି ମିଶ୍ର, ସୁଶ୍ରୀତା ରାଉତ ଯୋଗ ଦେଇ ଆତ୍ମରକ୍ଷା କୌଶଳ ଉପରେ ନିଜର ମତ ଦେଇଥିଲେ ।

# ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ୧୦୦ ଜଣଙ୍କ ମାଗଣା ଚକ୍ଷୁ ପରୀକ୍ଷା



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପବିତ୍ର ବିବେକାନନ୍ଦ ଜୟନ୍ତୀ ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ତା୨୦.୧.୨୦୨୫ ରିଖ ବ୍ରହ୍ମପୁର ଦିବ୍ୟଦୃଷ୍ଟି ଚକ୍ଷୁ ଚିକିତ୍ସାଳୟ ଦ୍ୱାରା ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସର୍ବମୋଟ ୧୦୦ ଜଣ ଚକ୍ଷୁ ପରୀକ୍ଷା ପଞ୍ଜିକୃତ ହୋଇଥିବା ବେଳେ ୧୫ ଜଣ ଙ୍କୁ ନିଜ ହସ୍ପିଟାଲ ଗାଡ଼ିରେ ଦିବ୍ୟ ଜ୍ୟୋତି ହସ୍ପିଟାଲକୁ ଅପରେସନ ପାଇଁ ନିଆଯାଇଥିଲା । ଅନୁଷ୍ଠାନ ର ପ୍ରତିଷ୍ଠାତା ରାମକୃଷ୍ଣ ଭକ୍ତ ବଟକୃଷ୍ଣ ତ୍ରିପାଠୀ ଓ କ୍ୟାମ୍ପ ମ୍ୟାନେଜର ଅକ୍ଷୟ କୁମାର ନାହାକ ଶୁଭ ଉଦ୍‌ଘାଟନ କରିଥିବା ବେଳେ ଉପ ପ୍ରଧାନ ଆଚାର୍ଯ୍ୟା ଅପରାଜିତା ରଥ ସ୍ୱାଗତ ଭାଷଣ ଦେଇଥିଲେ । ଆଚାର୍ଯ୍ୟ ସଞ୍ଜୟ କୁମାର ବେହେରା ଓ ଇନ୍ଦିରା ରେଡ୍ଡୀ, ମୋନାଲିଶା ଗୌଡ଼ ପଞ୍ଜିକରଣ ଦାୟିତ୍ୱ ବହନ କରିଥିବା ବେଳେ ନିହାରିକା ସ୍ୱାଇଁ ପିଙ୍କି ଜେନା ମିନାକ୍ଷୀ ପଲାଇ ରୋଗୀମାନଙ୍କୁ ଧାଡ଼ିରେ ଆଣି ପରୀକ୍ଷା ନିରୀକ୍ଷା କରିବାରେ ସହଯୋଗ କରିଥିଲେ । ଜ୍ୟୋତି ବେହେରା ରୋଗୀ ମାନଙ୍କ ଚଷମା ବଣ୍ଟନରେ ସହଯୋଗ କରିଥିଲେ । ବିନୁ ସାହୁ ଖାଇବା ପିଇବା ବ୍ୟବସ୍ଥା କରିଥିଲେ । ବିବେକାନନ୍ଦ ପାଠଚକ୍ରର ସେନାପତି ଶିବ ଗୌଡ଼, କିରଣ ମହାରଣା, ସୋନାକ୍ଷୀ ପଲାଇ ଓ ସାଇ ମୌସୁମୀ ପଟ୍ଟନାୟକ ପୂର୍ଣ୍ଣ ସହଯୋଗ କରିଥିଲେ । ପ୍ରତିବର୍ଷ ଏପରି ସମାଜ ସେବା କାର୍ଯ୍ୟ କରୁଥିବା ଯୋଗୁ ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ତ୍ରିପାଠୀଙ୍କୁ ଅଭିବାବକ ମହଲରେ ସୁଅ ଛୁଟିବାରେ ଲାଗିଛି ।

# କଳାକାର ଓ ସମାଜସେବୀ ବିଦ୍ୟାଧର ଶବର ରାଜ୍ୟ ଜନଜାତି ପ୍ରତିଭାରେ ସମ୍ମାନିତ

**ଗୁଣପୁର, ନ୍ୟୁଜ୍‌ବ୍ୟୁରୋ**




ସଉରା ଜନଜାତି ଗବେଷକ, ଭାଷା ସଂସ୍କୃତି ପ୍ରଚାରକ, କଳାକାର ତଥା ସମାଜସେବୀ ବିଦ୍ୟାଧର ଶବର ହେଲେ ସମ୍ମାନିତ । ରାଜ୍ୟ ଆଦିବାସୀ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟ ଗଣ ଶିକ୍ଷା ଓ ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଦ୍ୟାଧରଙ୍କୁ ଉପଢୌକନ, ମାନପତ୍ର ଓ ସ୍ମାରକୀ ପ୍ରଦାନପୂର୍ବକ ଆଦିବାସୀ ମେଳାର ମଞ୍ଚରେ ସମ୍ମାନିତ କରିଛନ୍ତି । ରାୟଗଡ଼ା ଜିଲ୍ଲା ପଦ୍ମପୁରରେ ଜନ୍ମିତ ବିଦ୍ୟାଧର ଜଣେ ଦକ୍ଷ ଚିତ୍ର ଶିଳ୍ପୀ, ମୃଣ୍ମୟ କାରିଗର ସାଙ୍ଗକୁ ସୌରା ଭାଷା ସଂସ୍କୃତି ପ୍ରଚାର ପ୍ରସାର ଦିଗରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଛନ୍ତି । ତାଙ୍କର ନିର୍ଦ୍ଦେଶନାରେ ଗଠିତ ସଉରା ନୃତ୍ୟ ଦଳ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇ ଅନେକ ସ୍ଥାନରେ ପ୍ରଶଂସା ସାଉଁଟିଛନ୍ତି । ସମାଜରେ ଅବହେଳିତ ଓ ନିଷ୍ପେସିତ ଲୋକଙ୍କ ସେବା ଲାଗି ସେ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି । ସେ ବିଭିନ୍ନ ମଞ୍ଚରେ ସମ୍ମାନିତ ହୋଇଥିବାବେଳେ ନିକଟରେ ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମାନରେ ସମ୍ମାନିତ ହୋଇ ଗୁଣପୁର ତଥା ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି । ଲୋକ କଳା, ସଂସ୍କୃତି, ଗୀତ, କ୍ରୀଡା, ଜୈବିକ ଚାଷ, ଆୟୁର୍ବେଦ ଚିକିତ୍ସା, ସମାଜସେବା ଆଦି ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ରାଜ୍ୟର ବିଭିନ୍ନ ଅଞ୍ଚଳର ଜନଜାତି ବର୍ଗର ଲୋକଙ୍କୁ ଚୟନ କରି ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ମଞ୍ଚରେ ପୁରସ୍କାର ପ୍ରଦାନ ବେଳେ ଅନ୍ୟ ମାନଙ୍କ ମଧ୍ୟରେ ବିଭାଗୀୟ ସଚିବ, ନିର୍ଦ୍ଦେଶକ ସମେତ ବହୁ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଚଳିତ ବର୍ଷ ରାଜ୍ୟର ଦଶ ଜଣ ଜନଜାତି ପ୍ରତିଭାଙ୍କ ଭିତରେ ବିଦ୍ୟାଧର ଏହି କୃତିତ୍ୱ ହାସଲ କରିଥିବାରୁ ଗୁଣପୁର ଅଞ୍ଚଳରୁ ତଥା ଜିଲ୍ଲାର ବିଭିନ୍ନ ବ୍ୟକ୍ତି ବିଶେଷ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ଜିଲ୍ଲାପାଳଙ୍କୁ ଭେଟିଲେ କୃଷି ସମବାୟ ସମିତି ସଂପାଦକ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାରେ କାର୍ଯ୍ୟରତ ଥିବା ୧୨୧ଟି କୃଷି ସମବାୟ ସମିତିର ସଂପାଦକମାନେ ଜିଲ୍ଲାପାଳଙ୍କୁ ଭେଟି ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି । ଜିଲ୍ଲା ସଂପାଦକ ସଂଘର ସଭାପତି ବୈରାଗୀ ଚରଣ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଭେଟି ଧାନକିଣା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିବା ସହ ଚାଷୀ ମାନଙ୍କର ଉତ୍ତୋରତ୍ତର ଉନ୍ନତି ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପ ସଂପର୍କରେ ସଂପାଦକମାନଙ୍କୁ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଚାଷୀମାନଙ୍କର ଯେପରି କୌଣସି ଅସୁବିଧା ନ ହୁଏ ସେ ଦିଗରେ ସମସ୍ତେ ସଚେତନ ରହିବା ଆବଶ୍ୟକ । ଅନ୍ୟମାନଙ୍କ ମଧ୍ୟରେ ନୀଳମଣି ପ୍ରଧାନ, ଅସୀତ କୁମାର ବେହୁରିଆ, ଶ୍ରୀହର୍ଷ ମହାନ୍ତି, ବିଜୟ କୁମାର ବାରିକ, ସେକ ସକିଲ ଅହେମଦ, କାଳନ୍ଦୀ ବିଶ୍ୱାଳ, ସୁବୋଧ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# ମୁମ୍ବାଇରେ ଆୟୋଜିତ ଜାତୀୟ ସମ୍ମିଳନୀରେ ସୋଆର ପିଜି ମେଡିକାଲ୍ ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ୪ ଜଣ ସ୍ନାତକୋତର ଛାତ୍ରଛାତ୍ରୀ ଗତ ଜାନୁଆରୀ ୮ ତାରିଖରୁ ୧୨ ତାରିଖ ମଧ୍ୟରେ ମୁମ୍ବାଇ ଠାରେ ଆୟୋଜିତ ୬୭ତମ ଅଲ ଇଣ୍ଡିଆନ୍ କଂଗ୍ରେସ୍ ଅନ୍ ଅବ୍‌ଷ୍ଟେଟ୍ରିକ୍ସ ଆଣ୍ଡ ଗାଏନୋକୋଲୋଜି (ଏଆଇସିଓଜି) ଜାତୀୟ ସମ୍ମିଳନୀରେ ଯୋଗ ଦେଇ କୃତିତ୍ୱ ହାସଲ କରିଛନ୍ତି । ଫେଡେରେସନ୍ ଅଫ୍ ଅବଷ୍ଟେଟ୍ରିକ୍ସ ଆଣ୍ଡ ଗାଏନୋକୋଲଜିକାଲ୍ ସୋସାଇଟିଜ୍ ଅଫ୍ ଇଣ୍ଡିଆ (ଏଫ୍‌ଓଜିଏସ୍‌ଆଇ)ର ୭୫ତମ ବାର୍ଷିକ ଅଧିବେଶନ ସହ ମିଳିତ ଭାବେ ଆୟୋଜିତ ହୋଇଥିବା ଏଆଇସିଓଜି ସମ୍ମିଳନୀରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ୧୧ ଜଣ ପିଜି ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଡାକ୍ତର ନନ୍ଦନା ରାଜଗୋପାଳ, ଡାକ୍ତର ସି.ଏଚ୍. ଭିନିଲା ନାଇଡୁ ଏବଂ ଡାକ୍ତର ଶିଳ୍ପା ଜେନା ନିଜ ନିଜ କ୍ୟାଟେଗୋରୀରେ ପ୍ରଦାନ କରିଥିବା ସନ୍ଦର୍ଭରେ ପ୍ରଥମ ପୁରସ୍କାର ହାସଲ କରିଥିବା ବେଳେ ଅନ୍ୟ ଏକ ବିଭାଗରେ ଡାକ୍ତର ସତ୍ୟଜିତ ବରାହା ତୃତୀୟ ସ୍ଥାନ ହାସଲ କରିଥିଲେ । ଡାକ୍ତର ରାଜଗୋପାଳ 'ଗାଏନୋକୋଲୋଜି ଅଙ୍କୋଲୋଜି' କ୍ୟାଟେଗୋରୀରେ ସନ୍ଦର୍ଭ ପ୍ରଦାନ କରିଥିବା ବେଳେ ଡାକ୍ତର ନାଇଡୁ ଏବଂ ଡାକ୍ତର ଜେନା ଯଥାକ୍ରମେ 'ଗାଏନୋ-କୋଲୋଜି ଏଣ୍ଡୋସ୍କୋପି ଆଣ୍ଡ ସର୍ଜରୀ' ଓ 'ମିସ୍‌ଲାନିୟସ୍' କ୍ୟାଟେଗୋରୀରେ ସନ୍ଦର୍ଭ ପ୍ରଦାନ କରିଥିଲେ । ଡାକ୍ତର ବରାହା 'ମ୍ୟାଟରନାଲ୍ ଆଣ୍ଡ ଫେଟାଲ୍ ମେଡିସିନ୍' କ୍ୟାଟେଗୋରୀରେ ସନ୍ଦର୍ଭ ଦାଖଲ କରିଥିଲେ । ମୁମ୍ବାଇରୁ ଫେରିବା ପରେ ଏହି ଛାତ୍ର ଛାତ୍ରୀମାନେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ସାକ୍ଷାତ୍ କରିଥିବା ବେଳେ ପ୍ରଫେସର ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଥିଲେ । ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ପ୍ରଫେସର (ଡାକ୍ତର) ବସନ୍ତ କୁମାର ପତି ଉପସ୍ଥିତ ଥିଲେ ।

# ଅଖିଳ ଭାରତୀୟ ମାରଓ୍ୱାଡ଼ି ଯୁବାର ୪୦ ମଞ୍ଚ ସ୍ଥାପନା ଦିବସ ପାଳିତ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**



ଅଖିଳ ଭାରତୀୟ ମାରଓ୍ୱାଡ଼ି ଯୁବା ମଞ୍ଚର ୪୦ବର୍ଷ ପୂର୍ତ୍ତି ଅବସରରେ ସ୍ଥାପନା ଦିବସ ସମଗ୍ର ଭାରତ ପାଳନ କରାଯାଉଛି । ଏହି ଅନୁକ୍ରମରେ କଣ୍ଟାବାଞ୍ଜି ଶାଖା ୧୯୮୮ ମସିହାରେ ଗଠନ କରାଯାଇଥିଲା । ଏହି ଶାଖାରେ ମଧ୍ୟ ସ୍ଥାପନା ଦିବସ ପାଳନ କରାଯାଉଛି । ଆଜିଠୁ ୪୦ବର୍ଷ ପୂର୍ବେ ଆସାମ ରାଜ୍ୟର ରାଜଧାନୀ ଗୌହାଟିରେ ପ୍ରମୋଦ ସରଫଙ୍କ ନେତୃତ୍ୱରେ ପ୍ରଥମ କରି ଏହି ସମାଜସେବୀ ସଂସ୍ଥାର ସ୍ଥାପନା କରାଯାଇଥିଲା । ସାରା ଭାରତରେ ୭୫୦ ଶାଖା ନିରନ୍ତର ଲୋକଙ୍କ ସେବା କରିଆସୁଥିବା ବେଳେ କଣ୍ଟାବାଞ୍ଜି ଶାଖାର ପ୍ରଥମ ସଭାପତି କୈଳାସ ଚନ୍ଦ୍ର ଅଗ୍ରଓ୍ୱାଲ ହୋଇଥିଲେ । ଏହି ସମାଜସେବୀ ସଂସ୍ଥା ନିରନ୍ତର ଜଣ କଲ୍ୟାଣ କାମ କରୁଥିବା ବେଳେ ମେଡିକାଲ କ୍ୟାମ୍ପ, ରକ୍ତଦାନ ଶିବିର, ମେଡିକାଲ ଉପକରଣ, ଶବ ବାହାନ ଗାଡ଼ି, ସହ ଅକ୍ସିଜେନ ସିଲେଣ୍ଡର ମାଗଣାରେ ଦେଇ କୋଭିଡ଼ ସମୟରେ ବେଶ୍ ପ୍ରଶଂସା ପାଇଥିବା ବେଳେ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ସ୍ଥାପନା ଦିବସ ପାଳନ ସମୟରେ ବର୍ତ୍ତମାନର ସଭାପତି ବିମଲ ଜୈନ, ନାରାୟଣ ଅଗ୍ରଓ୍ୱାଲ, ଚିରଗ ଅଗ୍ରଓ୍ୱାଲ, ମଣିଷ ଅଗ୍ରଓ୍ୱାଲ, ରୋହିତ ଲାଠ, ସୁରଜ ଅଗ୍ରଓ୍ୱାଲ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ବିରିତୋଳ ସମବାୟ ସମିତିର ଧାନ ମଣ୍ଡି ଉଦ୍‌ଘାଟିତ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିରିତୋଳ ପଞ୍ଚାୟତ ବିରିତୋଳ ସେବା ସମବାୟ ସମିତିର ସଭାପତି ଅଶ୍ୱିନୀ କୁମାର ଦାସଙ୍କ ଅଧକ୍ଷତାରେ ଧାନ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଫେସର ଡଃ. ରମାକାନ୍ତ ଭୋଇ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଜିଲ୍ଲାପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ଉପା ଅଧକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲାପରିଷଦ ସୁନୀଲ ବେହେରା, ସମିତିସଭ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଜଗତସିଂହପୁର ଆରଏମସିର ସୂର୍ଯ୍ୟକାନ୍ତ ଦାସ, ତିର୍ତ୍ତୋଲ ଯୋଗାଣ ନିରୀକ୍ଷକ ସ୍ୱୟମପ୍ରଭା ସ୍ୱାଇଁ, ବିଜୟ ମହାନ୍ତି ପ୍ରମୁଖ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ଧାନ ମଣ୍ଡିର ସରକାରୀ ନିୟମବଳି ସମ୍ପର୍କରେ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚାଷୀ ରବୀନ୍ଦ୍ର ସାହୁ, ଅକ୍ଷୟ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଦିଲ୍ଲୀପ କୁମାର ମହାନ୍ତି, କାଳନ୍ଦୀ ଦାସ, ସୁନାକର ପରିଡ଼ା, ପ୍ରମୋଦ କୁମାର ତ୍ରିପାଠୀ, ଉମେଶ ଚନ୍ଦ୍ର ବେହେରା, ସୁରେନ୍ଦ୍ର କୁମାର ରାଉତ, ଚୈତନ୍ୟ ମହାରଣା, ତନ୍ମୟ କୁମାର, ମୃଣ୍ମୟ ସ୍ୱାଇଁ, ପ୍ରଭାତ କୁମାର ସାହୁ, ଜିତେନ୍ଦ୍ର ଖୁଣ୍ଟିଆ, ରମେଶ କୁମାର ଜେନା, ଜ୍ୟୋତି ରଞ୍ଜନ ଦାସଙ୍କ ସମେତ ଶତାଧିକ ଚାଷୀ ଓ ସମିତିର ଡାଇରେକ୍ଟର ଓ କ୍ରୟ କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ । ସମ୍ପାଦକ ଅସିତ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିବାସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜରୁରୀ କାଳୀନ ବନ୍ଦୀ ମାନଙ୍କ ପକ୍ଷରୁ ଭତ୍ତା ପାଇଁ ଆବେଦନ ପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

୧୯୭୫ ମସିହା ଜରୁରୀ କାଳୀନ ପରିସ୍ଥିତି ରେ ଗିରଫ ହୋଇ ଜେଲ ଯାଇଥିବା ବନ୍ଦୀମାନଙ୍କ ଭିତରୁ ୧୨ ଜଣ ଜୀବିତ ଥିବା ବନ୍ଦୀ ଜିଲ୍ଲା କାର୍ଯ୍ୟାଳୟରେ ଭତାପାଇଁ ଆବେଦନ ପତ୍ର ଦାଖଲ କରିଥିବା ଜଣାପଡିଛି । ନାରାୟଣ ପୃଷ୍ଟି, ରବି ନାରାୟଣ ପତି, ହୃଷିକେଶ ରଥ, ଦେବୀ ପ୍ରସାଦ ନାୟକ, ଉମାକାନ୍ତ ଦାସ, ହରିଶ ଜେନା, ବ୍ରଜ କିଶୋର ଓଝା, ଶଙ୍କର ପରିଡ଼ା, ରାଜେନ୍ଦ୍ର ପ୍ରସାଦ ମିଶ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ଡମ୍ବରୁଧର ଘଡେଇ, ଶ୍ରୀଧର ଦାଶ ପ୍ରମୁଖ ଡେପୁଟି କଲେକ୍ଟର କୁଇନ ଜେନାଙ୍କୁ ଭତ୍ତା ଆବେଦନ ପତ୍ର ପ୍ରଦାନ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ, ରାଜ୍ୟ ସରକାର ଜୀବିତ ଥିବା ଜରୁରୀ କାଳୀନ ବନ୍ଦୀମାନଙ୍କ ପାଇଁ ମାସିକ ୨୦ ହଜାର ଟଙ୍କା ଭତ୍ତା ସହାୟତା ୨୦୨୫ ଜାନୁଆରୀ ଠାରୁ ଲାଗୁ କରିଛନ୍ତି ।

# ପ୍ରଜାପିତା ବ୍ରହ୍ମା ବାବାଙ୍କ ୫୬ତମ ସ୍ମୃତି ଦିବସ ପାଳିତ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**



ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଆନୁକୂଲ୍ୟରେ ବ୍ରହ୍ମା ବାବାଙ୍କର ୫୬ ତମ ସ୍ମୃତି ଦିବସ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବାଗଲପୁର ସ୍ଥିତ ଶାନ୍ତିତୀର୍ଥ ସବ ସେବା କେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି । ପ୍ରଜାପିତା ବ୍ରହ୍ମାବାବା ଗୋଟିଏ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ନାମ ଥିଲା ଲେଖରାଜ କୃପାଳିନୀ । ପରବର୍ତ୍ତୀ ସମୟରେ ସେ ସାଧାରଣରୁ ଅସାଧାରଣ ଦୈବୀ ଶକ୍ତିର ଅଧିକାରୀ ହୋଇଥିଲେ । ସେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେ ମାନବତାର ଗୁଣକୁ ତପ, ଧ୍ୟାନ ଓ ସାଧନା ଦ୍ୱାରା ଶୁଦ୍ଧ କରି ଦୈବୀ ଗୁଣକୁ ଧାରଣ କରିବାର ପ୍ରେରଣା ଦେଇଥିଲେ । ବ୍ରହ୍ମାବାବା ବୈଜ୍ଞାନିକ ଓ ଆଧ୍ୟାତ୍ମିକ ଦୃଷ୍ଟି କୋଣ ଦ୍ୱାରା ଆଧ୍ୟାତ୍ମିକତାର ମର୍ମ ବୁଝାଉଥିଲେ ଏବଂ ମନର ଶକ୍ତି ଦ୍ୱାରା ଆତ୍ମାରେ ଲୁଚି ରହିଥିବା ଶକ୍ତି ପୁଞ୍ଜି ତଥା ଦୈବୀ ଗୁଣକୁ ଜାଗୃତ କରିବା ପାଇଁ ପ୍ରେରିତ କରୁଥିଲେ । ୧୮ ଜାନୁଆରୀ ୧୯୬୯ ମସିହାରେ ପାର୍ଥିବ ଶରୀରକୁ ତ୍ୟାଗ କରିଥିଲେ । ଏହି ସ୍ମୃତି ଦିବସ ଅବସରରେ ରାଜ ଯୋଗିନୀ ବ୍ରହ୍ମା କୁମାରୀ କୁନି ଭଉଣୀ ଏବଂ ତାଙ୍କ ସହ ବି.କେ. ବନ୍ଦନା, ବି.କେ. ଶିଳ୍ପା, ବି.କେ. କବିତା, ରାଜ ଯୋଗୀ ବ୍ରହ୍ମା କୁମାର ପ୍ରମୋଦ ଭାଇ, ବି.କେ. ତ୍ରିଲୋଚନ ଭାଇଙ୍କ ସହ ଶହସ୍ରାଧିକ ଭାଇ ଭଉଣୀ ଉପସ୍ଥିତ ରହି ପାଳନରେ ସାମିଲ ହୋଇଥିଲେ ।

## ॥ ନବମ ଜିଲ୍ଲା ପରିଷଦ ବୈଠକ ॥

# ମାର୍ଚ୍ଚ ସୁଦ୍ଧା ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଶେଷ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**



ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁଙ୍କ ଅଧକତା ନବମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ସାଂସଦ ସଙ୍ଗୀତା କୁମାରୀ ସିଂ ଦେଓ, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂ ଦେଓଙ୍କ ସହ ଜିଲ୍ଲାପରିଷଦ ଉପ ସଭାପତି ଓ ମେମ୍ବରମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଗୌରବ ଶିଓ୍ୱାଜୀ ଇସଲଓ୍ୱାର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ବିଧାୟକଙ୍କ ପ୍ରତିନିଧିଗଣ ତଥା ଜିଲ୍ଲା ସ୍ତରୀୟ ଅଧିକାରୀମାନେ ସଭାରେ ଉପସ୍ଥିତ ରହିଥିଲେ ।

ଏହି ସଭାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ହେଇଥିଲା । ପୂର୍ବ ବୈଠକରେ ହୋଇଥିବା ଆଲୋଚନା ତଥା ଗ୍ରାମ ପାନୀୟ ଜଳ ଯୋଗାଣ ଏବଂ ପରିମଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ପ୍ରାଥମିକ ଶିକ୍ଷା ଓ ଗଣ ଶିକ୍ଷା, ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଜାତୀୟ ରାଜପଥ, ଯୋଗାଣ ବିଭାଗ, ସମାଜ ମଙ୍ଗଳ ବିଭାଗ ଆଦି ବିଷୟରେ ଗୃହକୁ ଅଧିକାରୀ ମାନେ ସୂଚନା ଦେଇଥିଲେ । ପରିଷଦର ସମସ୍ତ ମନୋନୀତ ପ୍ରତିନିଧି ବୈଠକରେ ପଚାରିଥିବା ପ୍ରଶ୍ନମାନଙ୍କର ଉତ୍ତର ରଖିଥିଲେ ବିଭାଗୀୟ କର୍ତ୍ତୃପକ୍ଷ । ପାନୀୟ ଜଳ ସମ୍ବନ୍ଧରେ ଆସିଥିବା ଅଭିଯୋଗ ଗୁଡିକର ସମାଧାନ ତଥା ନୂଆ ସଂକଳ୍ପ ବିଷୟରେ ଆଲୋଚନା ହେଇଥିଲା । ବିଳମ୍ବ କରୁଥିବା କିମ୍ବା କାମର ମାନ ଖରାପ କରୁଥିବା କଳା ତାଲିକାଭୁକ୍ତ କଣ୍ଟ୍ରାକ୍ଟରମାନଙ୍କ ତଥ୍ୟ ଗୃହରେ ସମସ୍ତଙ୍କୁ ଜଣାଇଥିଲେ ଗ୍ରାମ ପାନୀୟ ଜଳ ଯୋଗାଣର ବିଭାଗୀୟ ଅଧିକାରୀ । ସେହିପରି ଚାଲୁଥିବା ପାନୀୟ ଜଳ ପ୍ରକଳ୍ପଗୁଡିକ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ଅଧିକାରୀଙ୍କୁ ଗୃହ କହିଥିଲା । କଣ୍ଟ୍ରାକ୍ଟରମାନେ ଯିଏ କାମରେ ବିଳମ୍ବ କରିବେ ସେମାନଙ୍କୁ ପରବର୍ତ୍ତୀ ସମୟରେ କାମ ନ ଦିଆଯାଉ ବୋଲି ପ୍ରସ୍ତାବ ଦିଆଗଲା । ମେଡ଼ିକାଲରେ ଡାକ୍ତର ଏବଂ ପାରାମେଡ଼ିକାଲ ଷ୍ଟାଫ ଅଭାବ, ଖୋଲାନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବାସିକ ଗୃହ ପାଇଁ ଉପୁଜିଥିବା ଅସୁବିଧା ବାବଦରେ ଆଲୋଚନା ହୋଇଥିଲା । ସେହିପରି ଜିଲ୍ଲାପାଳ ବିଭିନ୍ନ ଜନଶୁଣାଣୀ ସମୟରେ ସମ୍ପୃକ୍ତ ଅଞ୍ଚଳକୁ ବୁଲି ସେ ଅଞ୍ଚଳରେ ପୂର୍ବରୁ ଥିବା ଅଭିଯୋଗ ଗୁଡିକ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଗୃହ ପ୍ରସ୍ତାବ ଦେଇଥିଲା । ତୁଷୁରା ମେଡ଼ିକାଲ ପରିସରରେ ଗଢି ଉଠିଥିବା ବେସରକାରୀ ଦୋକାନ ଗୁଡିକ ଭଙ୍ଗାଯିବାକୁ ପ୍ରସ୍ତାବ ଦିଆଯାଇଥିଲା । ସେହିପରି କିଛି ସ୍ଥାନରେ କ୍ୟୁଆକମାନେ ଚିକିତ୍ସା କରୁଥିବା କଥା ଗୁରୁତ୍ୱର ରୂପେ ନେଇ ମୁଖ୍ୟ ଚିକିତ୍ସାଧିକାରୀ ଏହାକୁ ତଦନ୍ତ କରିବେ ବୋଲି ଜଣାଇଥିଲେ । ଏହାର ଶୀଘ୍ର ସମାଧାନ ପାଇଁ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଗୃହ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ରାସ୍ତା ଅଧପନ୍ତରିଆ ତଥା ମରାମତି ଅଭାବରୁ ସଦସ୍ୟମାନେ ଚିନ୍ତା ପ୍ରକଟ କରିଥିଲେ । ନୂତନ ମେଡିକାଲ କୋଠାକୁ ଓ୍ୱାର୍ଡଗୁଡିକୁ ଯଥାଶୀଘ୍ର ସ୍ଥାନାନ୍ତର ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

# ଚୌଦ୍ୱାରରେ ସତ୍ୟସାଇ ବାବାଙ୍କ ପାଦୁକା ପୂଜା

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇ ବାବାଙ୍କ ପଦୁକା ଯାତ୍ରା ଧୂମଧାମରେ ପାଳିତ ହୋଇ ଯାଇଛି । ସାତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଜୟନ୍ତୀ ଅବସରରେ ଏହି ଦିବ୍ୟ ପାଦୁକା ଯାତ୍ରା ପରିକ୍ରମାର ମୁଖ୍ୟ ଉଦ୍ଦେଶ୍ୟ ରହିଥିବା ବେଳେ ପୁଟପୁର୍ତ୍ତି ପ୍ରସାନ୍ତି ନୀଳୟମକୁ ଯାଇ ଭକ୍ତ ମାନେ ଦର୍ଶନ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇନଥିବା ହେତୁ ପରିକ୍ରମା ରଥ ବାହାରି ଗତ ୧୪ତାରିଖରେ ପହଞ୍ଚି ଥିଲା । ଚୌଦ୍ୱାର ଗ୍ରାମର ବିଭିନ୍ନ ସାହି ବସ୍ତି ପରିକ୍ରମା କରିବା ପରେ ଚୌଦ୍ୱାର ପୌରପାଳିକା ଓ ବିଭିନ୍ନ ପଞ୍ଚାୟତ ଗୁଡିକରେ ବାବାଙ୍କ ପାଦୁକା ରଥ ପରିକ୍ରମା କରିଥିଲା । ଚୌଦ୍ୱାର ସ୍ରି ସତ୍ୟସାଇ ସେବା ସମିତିର ଆବାହକ ରଞ୍ଜିତ ପ୍ରଧାନଙ୍କ ନେତୃତ୍ୱରେ କଟକ ଜିଲ୍ଲା ଦାୟିତ୍ୱରେ ଥିବା ହେମନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ହିନ୍ଦ ସେବକ ସଂଘର ସଭାପତି ଦାମୋଦର ସାହୁ, ଶାଶ୍ୱତ ରଞ୍ଜନ ପଣ୍ଡାଙ୍କ ସମେତ କର୍ମକର୍ତ୍ତା ମାନେ ପାଦୁକା ଯାତ୍ରାରେ ସହଯୋଗ କରିଥିଲେ । ଚୌଦ୍ୱାରର ବିଭିନ୍ନ ଭକ୍ତ ମାନଙ୍କ ବାସଭବନରେ ପାଦୁକାକୁ ଭବ୍ୟ ସମ୍ବର୍ଦ୍ଧନା ସହିତ ପୂଜାର୍ଚ୍ଚନା କରାଯାଇଥିଲା ।

30 YEARS
ସମ୍ବାଦ କଳିକା

# ଗ୍ରାମାଞ୍ଚଳରେ କୃଷି କ୍ଷେତ୍ର ଉପରେ ଚାପ

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି। ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି। ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି। ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ୱା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ସ୍ତୁତେ ।'**


ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ସ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡ୍ରସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ୱା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୯)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଅବଶ୍ୟ ସମସ୍ତ ସାମନ୍ତ ଦାବି ମନସ୍କ ବ୍ୟକ୍ତିମାନେ ଯେ ହୃଦୟହୀନ ଏବଂ ସମସ୍ତ ସାଧାରଣ ଜନତାମାନେ ଯେ ହୃଦୟବାନ୍, ଏ କଥାକୁ ନେଇ ଏପରି ଭାବିବା ଉଚିତ୍ ନୁହେଁ) କିନ୍ତୁ ଏ କଥା ନିଶ୍ଚିତ ସତ୍ୟ ଯେ ଅଧିକାଂଶ ସାମନ୍ତ ଦାବି ଚିନ୍ତାଧାରା ସଂପନ୍ନ ବ୍ୟକ୍ତିଙ୍କ ଠାରୁ ସାଧାରଣ ଜନତାଙ୍କର ମାନବିକ ଭାବାବେଶ ଅଧିକ ସୁଦୃଢ ଏବଂ କ୍ରୀୟାଶୀଳ। ତେବେ ଛାଡନ୍ତୁ ସେ ସବୁକଥା।

ବିଶର ମହାନ୍ତି ଦେଖୁଛି ତା ଆଖି ଆଗରେ ଆଉ ଗଙ୍ଗାଙ୍କର ବିଶାଳ ବକ୍ଷରେ ତିନୋଟି ଅର୍ଦ୍ଧ ଦଗ୍ଧ ଦାରୁବିଗ୍ରହ ଗୁଡିକ ଭାସି ଭାସି ଯାଉଛନ୍ତି ଦକ୍ଷିଣା ପବନର ପ୍ରବାହରେ ବିପରୀତ କୂଳଆଡକୁ। ବିଶର ଏପଟର କୂଳରେ ଛିଡାହୋଇ ଭାବୁଛି ସେ କିପରି ଆରପଟ କୂଳ ଆଡକୁ ଯିବ। ଏହି ଚିନ୍ତାରେ ତା'ର ମୁଣ୍ଡ ଘୁରିଯାଉଥାଏ। ତା'ର ସର୍ବାଙ୍ଗ ଶରୀର ପାଲଟି ଯାଇଥାଏ ଜଗନ୍ନାଥମୟ। ଯେଉଁ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ମାତା ସୁଭଦ୍ରାଙ୍କ ଅପୂର୍ବ ଚିନ୍ମୟ କାନ୍ତିଙ୍କୁ ବିଭିନ୍ନ ଦିବ୍ୟ ଆଭୂଷଣରେ ସୁଜିତ କରାଯାଉଥିଲା ଶ୍ରୀମନ୍ଦିରର ରତ୍ନବେଦୀ ଉପରେ ସେହି ପ୍ରଭୁ ଆଜି ଅଧାପୋଡା ହୋଇ ଗଙ୍ଗା ଜଳରେ ଭାସୁଛନ୍ତି। ହେ ପ୍ରଭୁ ! ଏ କି ବିଚିତ୍ର ଲୀଳା ତୁମର ? ଭୋ ଭୋ କାନ୍ଦୁଛି ବିଶର ମହାନ୍ତି ଗଙ୍ଗା କୂଳରେ। ସେହିଠାରେ ସେ ଚେତାଶୂନ୍ୟ ହୋଇ ପଡିଗଲା। ଉପରେ ମେଘ ମେଦୁରିତ ମଳିନ ଆକାଶ, ଗଙ୍ଗାକୂଳରେ ପଡିରହିଛି ବିଶର ମହାନ୍ତିଙ୍କ ନିସ୍ତେଜ ଶରୀର। ଏହି ସମୟରେ କିଛି ବଙ୍ଗୀୟ ଧୀବର ମାଛ ମାରି ସାରିବା ପରେ ଘରକୁ ଫେରୁଥାନ୍ତି ଦୁଇ ଖଣ୍ଡ ଡଙ୍ଗାଧରି। ବିଶର ମହାନ୍ତିର ଚେତନାହୀନ ନିଶ୍ଚଳ ଶରୀରଟା ନିର୍ଜନ ପ୍ରାନ୍ତରରେ ଟଳି ପଡିବା ବେଳେ ଏହି ଧୀବରମାନଙ୍କୁ ହିଁ ଦୃଶ୍ୟମାନ ହୋଇଥିଲା। ଲୋକଟି ଗଛ କାଟିଲା ଭଳି ତଳେ ପଡିଯିବା ବେଳେ ଧୀବରମାନେ ଚିନ୍ତା କରି ନେଇଥିଲେ ଯେ, ଲୋକଟିର ପ୍ରାଣ ଛାଡିଯାଇଥିବ, ତେଣୁ ଏହି କଥା ଚିନ୍ତା କରି ଧୀବରମାନେ ମାଛଧରା ବନ୍ଦ କରିଦେଇ ଖୁବ୍ ଶୀଘ୍ର ଡଙ୍ଗାନେଇ ପହଞ୍ଚି ଯାଇଛନ୍ତି ବିଶର ମହାନ୍ତିଙ୍କ ନିକଟରେ। ଗୋଟିଏ ମାତ୍ର ମାଟି ପାତ୍ରରେ ଗଙ୍ଗାରୁ ଜଳ ଆଜି ବିଶର ମହାନ୍ତିଙ୍କ ମସ୍ତକ ଉପରେ ସିଞ୍ଚନ କଲେ। କିଛି ସମୟ ଅତିକ୍ରାନ୍ତ ପରେ ବିଶର ନିଦରୁ ଉଠିଲା ଭଳି ଉଠି ଚତୁର୍ଦ୍ଦିଗକୁ ଚାହିଁଲେ। ସମସ୍ତ ଧୀବରମାନଙ୍କୁ ସେଠାରେ ଭକ୍ତିଭାବରେ ବିଶର ମହାନ୍ତି ପ୍ରଣାମ କରୁଥିବା ବେଳେ ଭଗବାନଙ୍କ ନାମକୁ ଅତି ସୁଲଳିତ କଣ୍ଠରେ ଗାଉଥାନ୍ତି ବିଶର ମହାନ୍ତି। ଠାକୁରଙ୍କ ଭଜନ ବିଶର ମହାନ୍ତିଙ୍କ ଠାରୁ ଶ୍ରବଣ କରି ଉପସ୍ଥିତ ଥିବା ଧୀବରମାନେ ବିଶ୍ୱାସ କରିନେଲେ ଯେ ବିଶର ମହାନ୍ତି ହେଉଛନ୍ତି ଜଣେ ସାଧୁ ମହାତ୍ମା। ବୁଲା ସନ୍ନ୍ୟାସୀଟିଏ, ଘର ନାହିଁ ଘାଟ ନାହିଁ। ମସ୍ତକରେ କେରାଏ କହରାକେଶ। ମୁଖମଣ୍ଡଳରେ ଦେଖାଯାଉଛି ଦର ପାଚିଲା ଦାଢି। ମଥାରେ ଲାଗିଥିବା ତିଳକ ବି ଶୁଖିଯାଇ ଅର୍ଦ୍ଧାଧିକ ଖସି ପଡିଲାଣି ଏକାଥଳିରେ ଥିବା କେଉଁ ଗଛର ଚେରଟିଏ ବାହାର କରି ସେଥିରୁ ଟିକିଏ ପାଟିରେ ପକାଇ ଦେଲେ ପାଟିରେ ବିଶର। ବିଶର ମହାନ୍ତିଙ୍କର ଏହି ସବୁ ବେଶଭୂଷାକୁ ଧୀବରମାନେ ଲକ୍ଷ୍ୟ କରି ତାଙ୍କୁ ଡଙ୍ଗାରେ ବସାଇ ଧୀବରମାନେ ନେଇ ଚାଲିଲେ ଜନପଦ ଅଭିମୁଖେ। ଏହି ସମୟ ମଧ୍ୟରେ ଡଙ୍ଗାରେ ବସି ଗଙ୍ଗାନଦୀ ପାର ହେବା ବେଳେ ବିଶର ଅତିସନ୍ତର୍ପଣରେ ଲକ୍ଷ୍ୟ ରଖିଥାନ୍ତି ସେହି ଦରପୋଡା କାଠ ଗୁଡିକ ଉପରେ। ଅଧାପୋଡା ଦାରୁବିଗ୍ରହ ଗୁଡିକ ଭାସମାନ ଅବସ୍ଥାରେ ଯାଇ କୂଳରେ ଲାଗିଗଲାଣି କେତେବେଳ ଠାରୁ । ଦୈବର ସଂଯୋଗ ଏପରି ଥିଲା ଯେ ଠିକ୍, ସେହି ଦିଗକୁ ଧୀବରମାନେ ବାହି ନେଇ ଯାଉଥାନ୍ତି। ବିଧିର ବିଧାନ ବଡ ବିଚିତ୍ର। ଯେଉଁ ବ୍ୟକ୍ତିର ବଗିଚା ନିକଟରେ ତିନୋଟି ଦାରୁଯାଇ ଭାସମାନ ଅବସ୍ଥାରେ ଇତଃତସ୍ତ ହୋଇ ଲାଗିଯାଇଥିଲା, ଠିକ୍ ସେହି ବ୍ୟକ୍ତି ହେଉଛନ୍ତି ଜଣେ ସୁଦକ୍ଷ ନାବିକ ଓ ସେହି ଡଙ୍ଗାର ବାହକ ଓ ମାଲିକ ହେଉଛନ୍ତି ସେହି ନିଜେ। ବ୍ୟକ୍ତିଟିର ଦେହ କଳା ମଚ ମଚ ଶରୀର। ବୃଦ୍ଧ ହୋଇଗଲେଣି ସେ।

**(କ୍ରମଶଃ)**

# କନ୍ନଡ଼ ଭାଷାର ବ୍ୟାକରଣ

**ଭାଷା କଥା**



ଡଃ. ଦେବାଶିଷ ମହାପାତ୍ର
ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ,
ଏନ୍.ସି.ଇ.ଆର୍.ଟି,
ଭୁବନେଶ୍ୱର-୨୨
ମୋ- ୬୩୭୨୦୮୨୬୯୦

କନ୍ନଡ଼ ଭାଷା କର୍ଣ୍ଣାଟକର ପ୍ରଦେଶିକ ଭାଷା। ଏକ ପ୍ରାଚୀନ ସମୃଦ୍ଧ ଭାଷା ଭାବେ କନ୍ନଡ଼ ଭାଷାର ଗୌରବ ଅଛି। ଦ୍ରାବିଡ଼ ଭାଷା ପରିବାରର ପ୍ରମୁଖ ସଦସ୍ୟ କନ୍ନଡ଼ ଭାଷା କେବଳ କର୍ଣ୍ଣାଟକରେ ସୀମିତ ନ ରହି ପଡ଼ୋଶୀ ତାମିଲନାଡ୼ୁ, କେରଳ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ସମେତ ଦେଶ ବିଦେଶର ବିଭିନ୍ନ ଅଂଚଳରେ ଆଦୃତି ପାଇଥିବା ଭାଷା। ଏ ଭାଷା ସଂସ୍କୃତ ଭାଷାଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥିଲେ ହେଁ ଏହାର ବୈଶିଷ୍ଟ୍ୟ ବାସ୍ତବିକ ଉଲ୍ଲେଖଯୋଗ୍ୟ। କନ୍ନଡ଼ ଭାଷାର ବ୍ୟାକରଣକୁ ନେଇ ବହୁ ଦେଶୀ ବିଦେଶୀ ବିଦ୍ୱାନ୍ ଗବେଷଣା କରିଛନ୍ତି, ସଙ୍କଳନ ପ୍ରକାଶ କରିଛନ୍ତି। ୧୮୧୭ ମସିହାରେ ରେଭରେଣ୍ଡ ଡବ୍ଲ୍ୟୁ କେରୀ ପ୍ରକାଶ କରିଥିଲେ A Grammar of the Kurnata Language। ସେ ସମୟରେ ବିଦେଶୀ ବିଦ୍ୱାନ କର୍ଣ୍ଣାଟକ, କର୍ଣ୍ଣାଟଦେଶ ଇତ୍ୟାଦି କହିପାରୁନଥିବାରୁ Kurnata ଭାଷାର ବ୍ୟାକରଣ ବୋଲି କହିଛନ୍ତି। ସେମିତି ୧୮୭୦ ମସିହାରେ ରେଭରେଣ୍ଡ ସି. କ୍ୟାମ୍ପବେଲ ପ୍ରକାଶ କରିଥିଲେ Elements of Canarese Grammar। ୧୮୬୯ ମସିହାରେ ଥୋମାସ୍ ହଡ଼ସନ୍ଙ୍କ Elementary Grammar of Kannada, ୧୮୬୬ ମସିହାରେ ଭେଙ୍କଟରାଙ୍ଗୋ କୁତ୍ତିଙ୍କ Kannada Laghu Vyakarana ସେ କାଳର ଚର୍ଚ୍ଚିତ ବ୍ୟାକରଣ ବହି। ଭେଙ୍କଟରାଙ୍ଗୋଙ୍କ ବହିଟି କନ୍ନଡ଼ ଭାଷାରେ ପ୍ରକାଶ ପାଇଥିଲା, ଯାହାର ଇଂରାଜୀ ଅର୍ଥ - 'An elementary grammar of Kannada'। ୧୮୬୬ ମସିହାରେ କନ୍ନଡ଼ ଭାଷାରେ ପ୍ରକାଶିତ 'ସଂକ୍ଷେପ ବ୍ୟାକରଣ ସୂତ୍ରଗୋଲୁ'ର ଇଂରାଜୀ 'Concise Grammatical Aphorisms'। ଜେ. ମ୍ୟାକରେଲ ୧୮୨୦ ମସିହାରେ ପ୍ରକାଶ କରିଥିଲେ A Grammar of the Carnatakalanguage। ଏ ବହିରେ ବି Karnataka ନ ଲେଖାଯାଇ Carnataka ଲେଖାଯିବା ପଛରେ ବିଦେଶୀ ବିଦ୍ୱାନଙ୍କ ଉଚ୍ଚାରଣର କାରଣ ଅଛି। ୧୮୨୨ ମସିହାରେ କନ୍ନଡ଼ ଭାଷାର ବୈଶିଷ୍ଟ୍ୟକୁ ନେଇ ପ୍ରକାଶ ପାଇଥିଲା ବହିଟିଏ- 'ନୁଡ଼ିଗାଟୁ' ଏହାର ଅର୍ଥ The structure of Kananada Language। ଏତେ ସବୁ ବ୍ୟାକରଣ ବହି ପ୍ରକାଶିତ ହେବାର ଅର୍ଥ ଥିଲା ସେ ସମୟରେ ବିଦେଶୀମାନେ ଶାସନ ଓ ଗବେଷଣା ଆଦି ବିଭିନ୍ନ କାରଣରୁ କନ୍ନଡ଼ ଭାଷାର ଗଠନ ଓ ବ୍ୟବହାର ନେଇ ପୁସ୍ତକର ଆବଶ୍ୟକତା। ୧୯୩୩ ମସିହାର ବି.ମାଲାପ୍ପାଙ୍କ 'ଶବ୍ଦାଦର୍ଶ', ୧୯୩୬ରେ ପି. ମଙ୍ଗେସରାଓଙ୍କ 'କନ୍ନଡ଼ ମୂଳ ବ୍ୟାକରଣ', ୧୯୪୭ରେ ଏସ. ହନୁମାନ୍ଥାପାଙ୍କ 'କନ୍ନଡ଼ ନୁଦି ଗାନ୍ନାଡ଼ି', ୧୯୬୭ରେ ଏ.ଏସ୍. ଆଚାର୍ଯ୍ୟଙ୍କ 'ହାଲାକି କନ୍ନଡ଼' ଆଦି କନ୍ନଡ଼ ଭାଷାରେ ପ୍ରକାଶିତ ବହୁ ବହି କନ୍ନଡ଼ ଭାଷାର ବୈଶିଷ୍ଟ୍ୟ ଓ ବ୍ୟାକରଣ ବିଷୟରେ ବହୁ କଥା କହେ। ସେମିତି ୧୯୦୯ରେ କେ.ଆର.ନରସିହ୍ମାୟାଙ୍କ 'କର୍ଣ୍ଣଟକ ବ୍ୟାକରଣସାରମ', ୧୯୨୫ ମସିହାରେ ବି. ରାଭକ୍ରିଷ୍ଣାୟାଙ୍କ 'କନ୍ନଡ଼ ବ୍ୟାକରଣ' ଓ ଏ.ଏନ୍. ନରସିମ୍ହାଙ୍କ 'କନ୍ନଡ଼ ପ୍ରଥମ ବ୍ୟାକରଣ', ୧୯୩୫ରେ ଏସ. ଆଇ. ଶିବରାମାୟାଙ୍କ 'କନ୍ନଡ଼ ଲଘୁ ବ୍ୟାକରଣ' ୧୯୩୫ରେ ତାଙ୍କର ଆଉ ଏକ ବହି 'କନ୍ନଡ଼ ପୌଢ଼ ବ୍ୟାକରଣ' ଯାହାର ଅର୍ଥ An Advanced Grammar of Kannada, ୧୯୧୩ରେ ବି.ଏମ୍. ଶ୍ରୀକାନ୍ତେୟାଙ୍କ 'କନ୍ନଡ଼ ଭାଷେୟ ବିଚାରଗଳୁ', ଯାହାର ଅର୍ଥ - Topics of the Kannada Language ଓ ୧୯୪୭ରେ ଥିରୁସିରାମାସାଚାର୍ଯ୍ୟଙ୍କ 'ବ୍ୟାକରଣ ସାର' ଯାହାର ଅର୍ଥ The Essence of Grammar ମଧ୍ୟ କନ୍ନଡ଼ ଭାଷାର ବୈଶିଷ୍ଟ୍ୟ କଥା ବୁଝାଇ କହେ। ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତାମିଲନାଡ଼ୁ, ତେଲେଙ୍ଗାନା, କେରଳ ଓ ଗୋଆରେ ସଂଖ୍ୟାଲଘୁ ଭାଷାର ମାନ୍ୟତା ପାଇଥିବା କନ୍ନଡ଼ ଭାଷାର ନିଜସ୍ୱ ଲିପି କନ୍ନଡ଼ ଲିପି ପଞ୍ଚମ ଶତାବ୍ଦୀର କଦମ୍ବ ଲିପିରୁ ଆସିଛି। ଷଷ୍ଠ ଶତାବ୍ଦୀରେ ଗଙ୍ଗବଂଶ ରାଜୁତି କାଳରେ ପ୍ରାଚୀନ କନ୍ନଡ଼ର ବିକାଶ ହୋଇ ନବମ ଶତାବ୍ଦୀରେ ରାଷ୍ଟ୍ରକୂଟ ରାଜୁତି ସମୟରେ ବ୍ୟାପକ ହୋଇଥିଲା। ୨୦୦୮ ମସିହାରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା କନ୍ନଡ଼ ଭାଷା କେବଳ ଦ୍ରାବିଡ଼ ଭାଷା ପରିବାର କି ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ପାଇଥିବା ଭାଷା ଭାବେ ନୁହେଁ ଏକ ପ୍ରମୁଖ ଭାରତୀୟ ଆଞ୍ଚଳିକ ଭାଷା ଭାବରେ ନିଜର ଗୌରବ ରଖିଆସିଛି, ଯାହାର ପ୍ରମାଣ କନ୍ନଡ଼ ଭାଷାର ବ୍ୟାକରଣ। କନ୍ନଡ଼ର ବର୍ଣ୍ଣମାଳାକୁ ଅକ୍ଷରମାଳା କହନ୍ତି। ଏଥିରେ ସ୍ୱରବର୍ଣ୍ଣ ସଂଖ୍ୟା ୧୩ ଓ ବ୍ୟଞ୍ଜନ ବର୍ଣ୍ଣ ସଂଖ୍ୟା ୩୪। କନ୍ନଡ଼ ଭାଷାରେ ତିନିପ୍ରକାର ଶବ୍ଦର ବ୍ୟବହାର ଦେଖାଯାଏ- ସରଳାକ୍ଷର, ଗୁଣିଆକ୍ଷର ଓ ଓଟକ୍ଷର। ଓଟକ୍ଷର ଉଚ୍ଚାରଣ ଆଧାରିତ। କନ୍ନଡ଼ ଭାଷାର ବୈଶିଷ୍ଟ୍ୟ ଏସବୁ ଦୃଷ୍ଟିରୁ ବାସ୍ତବିକ ବୈଚିତ୍ର୍ୟପୂର୍ଣ୍ଣ।

# ଓଡିଆ ନାଟକ ଏକ ବିହଙ୍ଗାବଲୋକନ



ଦାଶରଥୀ ଶତପଥୀ
ସଚିବ
ଓଡିଶା ବିଧାନସଭା
ମୋ : ନଂ- ୯୪୩୮୦୮୧୭୧୩

ସାଂପ୍ରତିକ ସମୟରେ ମଣିଷର ବ୍ୟସ୍ତବହୁଳତା ବହୁ ଗୁଣରେ ବଢିଯାଇଛି । ମଣିଷ ଏକ ସାମାଜିକ ପ୍ରାଣୀ ଓ ସମାଜରେ ବସବାସ କରେ। ଆମେ ଆଜି ଯେଉଁ ସମାଜରେ ବାସ କରୁଛନ୍ତି ଆମର ପରିବେଷ୍ଟନୀ ବହୁ ଗୁଣରେ କଳୁଷିତ ହେବାକୁ ବସିଲାଣି। ପରନିନ୍ଦା, ପରଚର୍ଚ୍ଚାରେ ଆମେ ସମୟ ବିତାଇବା ସଙ୍ଗେ ସଙ୍ଗେ ବେଳେ ବେଳେ ମାନସିକ ଶାନ୍ତି ହରାଇବସୁ ।

କର୍ମବହୁଳ ଜୀବନରୁ କିଛି ସମୟ ବାହାର କରି ମଣିଷର ମନ ଚାହେଁ ଟିକିଏ ଶାନ୍ତିରେ ରହିବା ପାଇଁ । ସେଥିପାଇଁ ଆବଶ୍ୟକତା ପଡିଥାଏ ଚିତ୍ତ ବିନୋଦନ। ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଏହି ସମାଜ ବ୍ୟବସ୍ଥାର ଚଳନୀକୁ ନେଇ ଗଢିଉଠିଥାଏ ନାଟକ, ଲୋକନାଟକ, ପାରଂପରିକ ଲୋକନାଟକ ଏବଂ ଆଧୁନିକ ନାଟକ । ସମଗ୍ର ବିଶ୍ୱରେ ଭାରତ ତାର ନିଜର କଳାକୌଶଳ, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି ଓ ଏହାର ଅଗ୍ରଭାଗରେ ରହିଛି ଓଡିଶା । ସାଂପ୍ରତିକ ସମାଜରେ ଓଡିଶାର ନାଟକ କିଛି ଦରବାରରେ ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ଏହା ସମାଜକୁ ବିପୁଳ ଆନନ୍ଦ ପ୍ରଦାନ କରୁଅଛି ଏବଂ ସମାଜର ପରିବର୍ତ୍ତନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ପ୍ରାଚୀନ ନାଟକ, ଯାତ୍ରା ଏବଂ ଏହାପରେ ଆଧୁନିକ ଓଡିଆ ନାଟକ । ଗ୍ରାମାଞ୍ଚଳର ପାଲା, ଦାସକାଠିଆ, ରାମଲୀଳା ପରେ ଏହାର ସ୍ଥାନ ନେଇଛି ଓଡିଆ ନାଟକ। ୧୯୮୦ ମସିହା ପରଠାରୁ ବିଦ୍ୟୁତ୍ ବଲବ ପରେ ପରେ ସାଉଣ୍ଡ ବକ୍ସ ତଥା ମାଇକ୍ରୋଫୋନର ପ୍ରଚଳନ ଏକ ମାଇଲଖୁଣ୍ଟ । ଏହା ସହିତ ସିନେମା ଭଳି ଅତ୍ୟାଧୁନିକ ସାଜସଜ୍ଜା । ସାଂପ୍ରତିକ ସମାଜରେ ନାଟକ ସମାଜକୁ ସଚେତନତାର ବାର୍ତ୍ତା ଦେବା ସଙ୍ଗେ ସଙ୍ଗେ, ବହୁବିଧ ସାମାଜିକ ଓ ରାଜନୈତିକ ସମସ୍ୟାର ସମାଧାନ ସମାଜ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ବିଭିନ୍ନ ସରକାରୀ ଯୋଜନାର ପ୍ରସାର କ୍ଷେତ୍ରରେ ଏହା ଏକ ପ୍ରମୁଖ ମାଧ୍ୟମ ଭାବରେ କାର୍ଯ୍ୟ କରୁଅଛି । ମହାମାରୀ କରୋନାର କରାଳ ପ୍ରକୋପରେ ଓଡିଆ ନାଟକ କିଛି ଦିନ ପାଇଁ ବନ୍ଦ ରହିଥିଲେ ମଧ୍ୟ ଏବେ ଏହା ମୁଣ୍ଡ ଟେକିଲାଣି ଓ ଗ୍ରାମାଞ୍ଚଳ ଅପେକ୍ଷା ସହରରେ ସିନେମା ଭଳି ଯାତ୍ରାରେ ମଧ୍ୟ ଖୁବ୍ ଭିଡ ଜମୁଛି। ବର୍ତ୍ତମାନ ସମୟ ଉପନୀତ ଓଡିଆ ନାଟକ ବିଷୟରେ ଅଧିକ ଗବେଷଣା ଓ ଅନୁଶୀଳନ କରିବାର ଆବଶ୍ୟକତା ରହିଛି। ଯାତ୍ରାର ଅଶ୍ଳୀଳତାକୁ ବନ୍ଦ କରି ସମସ୍ତେ ଦେଖିପାରିବା ଭଳି ନାଟକ ପରିବେଷଣ ହେବା ଆବଶ୍ୟକ । ପ୍ରତ୍ୟେକ ବର୍ଷ ନାଟ୍ୟ ମହୋତ୍ସବ କରି ନାଟକର ପ୍ରଚାର ଓ ପ୍ରସାର ପାଇଁ ଆମେ ଶତତ ଚେଷ୍ଟିତ ହେବା । ଓଡିଆ ନାଟକ, ସାମାଜିକ ଓ ସାଂସ୍କୃତିକ ବିଭବକୁ ସଚେତନତା କରିବା ପାଇଁ ଯେଉଁ ପ୍ରୟାସ ଜାରି ରଖିଛନ୍ତି ଏବଂ ସମଗ୍ର ସମାଜକୁ ସଚେତନତାର ଏକ ବଳିଷ୍ଠ ମାଧ୍ୟମ ସାଜିଛନ୍ତି ତାହା ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ । କିଛି ସମୟ ମନକୁ ସୁଖ ଓ ଶାନ୍ତିରେ ଭରିହେବା କ୍ଷଣଭଙ୍ଗୁର ସଂସାରରେ ଜୀବନକୁ ମନ ଭରି ଉପଭୋଗ କରିବା ଓ ହସଖୁସିରେ ସମୟକୁ ଅତିବାହିତ କରିବା । ସ୍ୱପ୍ନ ଓ ସମ୍ଭାବନା ଭିତରେ ଓଡିଆ ନାଟକ ବଂଚି ରହିଛି ଓ ବଂଚି ରହିବ ମଧ୍ୟ ।

# ଭୂତଳ ଜଳ ଜହର



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)
ଗଙ୍ଗୋତ୍ରୀ ନଗର
ଶରୋଡ ନଂ-୩,
ଶିଶୁପାଳଗଡ
ମୋ-୪୩୭୯୯୪୩୭୯

**ଏହା ସତ୍ୟ ଯେ, ଜଳରେ ମାତ୍ରାଧିକ ନାଇଟ୍ରେଟର ମାତ୍ରା ବୃଦ୍ଧି ଦୁଇଟି ଉଦ୍‌ବେଗର କାରଣ। ପ୍ରଥମତଃ ଏହା ମଣିଷର ଶରୀର ଉପରେ ପ୍ରଭାବ ପକାଇଥିବାବେଳେ ପରିବେଶରେ ଗଭୀର ସଂକଟ ସୃଷ୍ଟି କରିଥାଏ। ମଣିଷ ଶରୀରରେ ମୋଥୋମୋଗ୍ଲୋବିନିମିଆ କିମ୍ବା ଲୋହିତ ରକ୍ତ ସେଲଗୁଡିକୁ ହ୍ରାସ କରିଦେଇଥାଏ। ଯାହାଫଳରେ ଶରୀରକୁ ଆବଶ୍ୟକୀୟ ଅମ୍ଳଜାନ ପ୍ରବାହ ହୋଇପାରେ ନାହିଁ। ଏହାବେଳେ ବେଳେ ନବଜାତଙ୍କ ଠାରେ "ବ୍ଲୁ ବାବି ସାଇଡ୍ରୋମ"ର କାରଣ ହୋଇଥାଏ। ତେବେ ଏହାଠାରୁ ପରିବେଶ ପ୍ରତି ବିପଦ ଆହୁରି ସାଂଘାତିକ। ଥରେ ଯଦି ଭୂତଳ ଜଳ ବୃଦ୍ଧି ପାଇ ଭୂପୃଷ୍ଠ ଉପର ସମତଳକୁ ନାଇଟ୍ରେଟ୍ ଆସିଯାଏ, ତେବେ ଏହା କେବଳ ପୋଖରୀ ଏବଂ ହ୍ରଦର ଜଳକୁ ବିଷାକ୍ତ କରେ ନାହିଁ ଜୈବିକ ବିବିଧତା ଉପରେ ଗୁରୁତ୍ୱର ପ୍ରଭାବ ପକାଇଥାଏ। ଉଲ୍ଲେଖଯୋଗ୍ୟ ଯେ, ସିଡିଡବ୍ଲୁବି ଦେଶବ୍ୟାପୀ ୧୫,୨୩୯ ଭୂତଳ ଜଳ ସାମ୍ପୁଲ ପରୀକ୍ଷା କରିଥିବାବେଳେ ସେଥିମଧ୍ୟରୁ ୧୯.୮ ପ୍ରତିଶତ ସାମ୍ପୁଲରେ ନାଇଟ୍ରେଟ ଥିବା ଜଣାଯାଇଛି। ପୂର୍ବରୁ ୨୦୧୭ରେ ୧୩,୦୨୮ ସାମ୍ପୁଲ ପରୀକ୍ଷା ହୋଇଥିବାବେଳେ ୨୧.୬ ପ୍ରତିଶତ ସାମ୍ପୁଲରେ ମାତ୍ରାଧିକ ନାଇଟ୍ରେଟ ରହିଥିବା ଜଣାପଡିଥିଲା। ସୁଖର କଥା ବର୍ତ୍ତମାନର ଏବଂ ପୂର୍ବ ପରୀକ୍ଷାର ଅନୁପାତରେ ବିଶେଷ କରି ଫରକ ନଥିବା କୁହାଯାଏ।**

ଦେଶର ଭୂତଳ ଜଳ ଓ ଏହାର ଗୁଣ ନେଇ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲୁବି)ର ବାର୍ଷିକ ମୂଲ୍ୟାୟନ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଚିନ୍ତାଜନକ। କହିବା ଯଥାର୍ଥ ଯେ, ଭୂତଳ ଜଳରେ, ନାଇଟ୍ରେଟ(ଏନଏ୩) ରହିଥିବା କୁହାଯାଇଛି, ଯାହାକି କେବଳ ମଣିଷ ନୁହେଁ, ସମଗ୍ର ଜୀବଜଗତ ପାଇଁ ଅତ୍ୟନ୍ତ ବିପଦଜନକ। ଉଲ୍ଲେଖଯୋଗ୍ୟ ଯେ, ଦେଶର ୭୭୯ଟି ଜିଲ୍ଲା ମଧ୍ୟରୁ ଅର୍ଦ୍ଧାଧିକ ତଥା ୪୪୦ଟି ଜିଲ୍ଲାର ଭୂତଳ ଜଳରେ ନାଇଟ୍ରେଟର ପରିମାଣ ମାତ୍ରାଧିକ ରହିଥିବା ରିପୋର୍ଟରେ କୁହାଯାଇଛି। ତେବେ ଉଦ୍‌ବେଗଜନକ ପ୍ରସଙ୍ଗ ଏହି ଦେଶରେ ଗୋଟିକ ପରେ ଗୋଟିଏ ଜିଲ୍ଲାରେ ଭୂତଳ ଜଳରେ ବିଷାକ୍ତ ନାଇଟ୍ରେଟ ମାଡି ଚାଲିଛି। ୨୦୧୭ରେ ଦେଶର ୩୫୯ଟି ଜିଲ୍ଲାରେ ଭୂତଳ ନାଇଟ୍ରେଟ ଥିବା ଜଣାଯାଇଥିବାବେଳେ ୨୦୨୩ରେ ଜିଲ୍ଲା ସଂଖ୍ୟା ୪୪୦କୁ ବୃଦ୍ଧି ପାଇଛି। ଏହି ସମସ୍ତ ଜିଲ୍ଲାର ଭୂତଳ ଜଳରେ ପ୍ରତି ଲିଟରରେ ୪୫ ମିଲିଗ୍ରାମ ନାଇଟ୍ରେଟ ରହିଛି, ଯାହାକି ଅତ୍ୟନ୍ତ ମାତ୍ରାଧିକ। ଏହା ସତ୍ୟ ଯେ, ଜଳରେ ମାତ୍ରାଧିକ ନାଇଟ୍ରେଟର ମାତ୍ରା ବୃଦ୍ଧି ଦୁଇଟି ଉଦ୍‌ବେଗର କାରଣ। ପ୍ରଥମତଃ ଏହା ମଣିଷର ଶରୀର ଉପରେ ପ୍ରଭାବ ପକାଇଥିବାବେଳେ ପରିବେଶରେ ଗଭୀର ସଂକଟ ସୃଷ୍ଟି କରିଥାଏ। ମଣିଷ ଶରୀରରେ ମୋଥୋମୋଗ୍ଲୋବିନିମିଆ କିମ୍ବା ଲୋହିତ ରକ୍ତ ସେଲଗୁଡିକୁ ହ୍ରାସ କରିଦେଇଥାଏ। ଯାହାଫଳରେ ଶରୀରକୁ ଆବଶ୍ୟକୀୟ ଅମ୍ଳଜାନ ପ୍ରବାହ ହୋଇପାରେ ନାହିଁ। ଏହାବେଳେ ବେଳେ ନବଜାତଙ୍କ ଠାରେ "ବ୍ଲୁ ବାବି ସାଇଡ୍ରୋମ"ର କାରଣ ହୋଇଥାଏ। ତେବେ ଏହାଠାରୁ ପରିବେଶ ପ୍ରତି ବିପଦ ଆହୁରି ସାଂଘାତିକ। ଥରେ ଯଦି ଭୂତଳ ଜଳ ବୃଦ୍ଧି ପାଇ ଭୂପୃଷ୍ଠ ଉପର ସମତଳକୁ ନାଇଟ୍ରେଟ୍ ଆସିଯାଏ, ତେବେ ଏହା କେବଳ ପୋଖରୀ ଏବଂ ହ୍ରଦର ଜଳକୁ ବିଷାକ୍ତ କରେ ନାହିଁ ଜୈବିକ ବିବିଧତା ଉପରେ ଗୁରୁତ୍ୱର ପ୍ରଭାବ ପକାଇଥାଏ। ଉଲ୍ଲେଖଯୋଗ୍ୟ ଯେ, ସିଡିଡବ୍ଲୁବି ଦେଶବ୍ୟାପୀ ୧୫,୨୩୯ ଭୂତଳ ଜଳ ସାମ୍ପୁଲ ପରୀକ୍ଷା କରିଥିବାବେଳେ ସେଥିମଧ୍ୟରୁ ୧୯.୮ ପ୍ରତିଶତ ସାମ୍ପୁଲରେ ନାଇଟ୍ରେଟ ଥିବା ଜଣାଯାଇଛି। ପୂର୍ବରୁ ୨୦୧୭ରେ ୧୩,୦୨୮ ସାମ୍ପୁଲ ପରୀକ୍ଷା ହୋଇଥିବାବେଳେ ୨୧.୬ ପ୍ରତିଶତ ସାମ୍ପୁଲରେ ମାତ୍ରାଧିକ ନାଇଟ୍ରେଟ ରହିଥିବା ଜଣାପଡିଥିଲା। ସୁଖର କଥା ବର୍ତ୍ତମାନର ଏବଂ ପୂର୍ବ ପରୀକ୍ଷାର ଅନୁପାତରେ ବିଶେଷ କରି ଫରକ ନଥିବା କୁହାଯାଏ। କିନ୍ତୁ ରାଜସ୍ଥାନ, କର୍ଣ୍ଣାଟକ ଓ ତାମିଲନାଡୁର ଭୂତଳ ଜଳରେ ମାତ୍ରାଧିକ ନାଇଟ୍ରେଟ ଥିବା ଜଣାଯାଏ। ରାଜସ୍ଥାନ ଭୂତଳ ଜଳରେ ଜଳର ୪୯ ପ୍ରତିଶତ କର୍ଣ୍ଣାଟକରେ ୪୮ପ୍ରତିଶତ ଓ ତାମିଲନାଡୁର ୩୭ ପ୍ରତିଶତ ସାମ୍ପୁଲରେ ନାଇଟ୍ରେଟ ଦୂଷିତ ପରିମାଣ ସୀମା ଅତିକ୍ରମ କରିଛି। ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଗୁଜରାଟରେ ମଧ୍ୟ ଭୂତଳଜଳରେ ସର୍ବାଧିକ ଭାଗ ନାଇଟ୍ରେଟ ରହିଛି। କେନ୍ଦ୍ରୀୟ ଏବଂ ଦକ୍ଷିଣାଞ୍ଚଳରେ ମଧ୍ୟ ଏବେ ଭୂତଳ ଜଳରେ ନାଇଟ୍ରେଟର ମାତ୍ରା ବଢିବାରେ ଲାଗିଛି। କେବଳ ନାଇଟ୍ରେଟ ନୁହେଁ ଭୂତଳ ଜଳରେ ମଧ୍ୟ ଫ୍ଲୋରାଇଡ ଏବଂ ୟୁରାନିୟମର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ରାଜସ୍ଥାନ, ହରିଆନା, କର୍ଣ୍ଣାଟକ, ଆନ୍ଧ୍ର ଓ ତେଲେଙ୍ଗାନାରେ ଫ୍ଲୋରାଇଡ ଏବେ ଗୁରୁତର ଉଦ୍‌ବେଗଜନକ ସ୍ଥିତି ଉତ୍ପନ୍ନ କରିଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଗତ ୨୦୦୯ ମସିହାଠାରୁ ଭୂତଳ ଜଳ ଉତ୍ତୋଳନ ବୃଦ୍ଧି ପାଇଥିବାବେଳେ ଏହାର ପରିମାଣ ଏବେ ୬୦.୪ ପ୍ରତିଶତ ଅତିକ୍ରମ କରିଛି। ତେବେ ଦେଶର ୭୩ ପ୍ରତିଶତ ବ୍ଲକ ଅଞ୍ଚଳରେ ଭୂତଳ ଜଳସ୍ତର ନିରାପଦ ସ୍ତରରେ ରହିଥିବାବେଳେ ବହୁ ଅଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ସୂଚନା ଦିଆଯାଇପାରେ ଯେ, ନାଇଟ୍ରେଟ (ଏନଓ୩) ଯବକ୍ଷାରଜାନ ଓ ଅମ୍ଳଜାନର ଏକ ରସାୟନିକ ଉପାଦାନ ଯାହା ପ୍ରାକୃତିକ ଉପାୟରେ ମାଟି, ପାଣି, ପବନ ଓ ଖାଦ୍ୟରେ ରହିଥାଏ। ଏହାକୁ ରସାୟନିକ ସାର, ବିସ୍ଫୋରକ, ଔଷଧ, ଫସଲର ଅଭିବୃଦ୍ଧିରେ ବ୍ୟବହାର କରାଯାଇଥାଏ। ନାଇଟ୍ରେଟ ପରିମାଣ ଜଳ ଓ ମାଟିରେ ଅଧିକ ହେଲେ ମଣିଷର ସ୍ୱାସ୍ଥ୍ୟ ପ୍ରତି ବିପଦଜନକ ସ୍ଥିତି ଉତ୍ପନ୍ନ କରେ। ସେହିପରି ଫ୍ଲୋରାଇଡ ପରିମାଣ ଅଧିକ ହେଲେ, ଦାନ୍ତ ଓ ହାଡ କ୍ଷୟ କରି ମଣିଷକୁ ପଙ୍ଗୁ କରିଦେଇଥାଏ। ଆମ ରାଜ୍ୟରେ ନାଇଟ୍ରେଟର ସ୍ଥିତି ମଧ୍ୟ କିଛି ନୁହେଁ। ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୨୫ଟି ଜିଲ୍ଲାର ଭୂତଳ ଜଳ ବିପଦଜନକ ସ୍ଥିତିରେ ପହଁଚିଥିବା ସିଜିଡବ୍ଲୁବି ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁସାରେ ଅନୁଗୁଳ, ବଲାଙ୍ଗିର, ବରଗଡ, କଟକ, ଢେଙ୍କାନାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୁରଭଞ୍ଜ, ନୟାଗଡ, ପୁରୀ, ସମ୍ବଲପୁର, ସୁନ୍ଦରଗଡ ଓ ସୁବର୍ଣ୍ଣପୁର ଜିଲ୍ଲାରେ ନାଇଟ୍ରେଟ ପରିମାଣ ଅଧିକ ଥିବା ବେଳେ ଅନୁଗୁଳ, ବଲାଙ୍ଗିର, ବରଗଡ, ଝାରସୁଗୁଡା, ନୟାଗଡ, ନୂଆପଡା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ ଆଦି ୧୦ଟି ଜିଲ୍ଲାରେ ଫୋରାଇଡ୍ ସ୍ଥିତି ଅଧିକ ରହିଛି। ଏହା ନିସନ୍ଦେହ ଯେ, ଭୂତଳ ଜଳ ଏବେ ଜହର ପାଲଟିଛି। ଏହାର ପ୍ରତିକାର ପାଇଁ ଏବେଠାରୁ ପଦକ୍ଷେପ ଗ୍ରହଣ କରାନଗଲେ, ପ୍ରକୃତିଦତ ଏହି ସମ୍ପଦ ଜୀବନଦାନ କରିବା ପରିବର୍ତ୍ତେ ବିନାଶର କାରଣ ହେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## 'ଚାଲ ଫେରିଯିବା'


ରତ୍ନପ୍ରଭା ବାଇ


ଶୀତର ସହରେ ମୋ,ଶବ୍ଦ ନିଶବ୍ଦେ
ଲଗେଇ ଦେଇଛି ନିଆଁ
କୁହୁଡି ପରଦା ଆଡେଇ ବୋହୁଛି
ଚୋରା ବସନ୍ତର ବାଆ ।

ଉଷୁମ ଖରାରେ ମାଟିରେ ପାରୁଛି
ମହୁଲ ଫୁଲର ଶେଯ
ଋତୁର ଓଠରୁ ଏବେ ବି ଛାଡିନି
ଶୀତ ସକାଳର ଲାଜ
ମାଟିରୁ ଆକାଶ ଚାଲିଛି ପ୍ରୀତିରେ
କେତେ ଭାବ ଦିଆ ନିଆ ।
ଶୀତ ସକାଳେ

ଚାଲ ଫେରିଯିବା ଫଗୁଣକୁ ଆମେ
ଖୋଜି ଆଣିବା ସେ ଦିନ

କୋଇଲି କୁହୁରେ ଯେଉଁଠି ଚହଲେ
କୁଆଁରୀ ବଉଳ ମନ
ମହୁ ଝରା ତା,ର ବୟସ ବାସ୍ନାରେ
ଉଡ଼ି ବୁଲୁଚି ମହୁଆ ।
ଶୀତର ସହରେ---

ଋତୁ ରଙ୍ଗ ନେଇ ମହକ ବିଛେଇ
ବସିଛି ଫୁଲର ହାଟ
ମୂଲ ଚାଲ କରେ ପ୍ରଜାପତି ଉଡି
ଛୁଇଁ ତା, ନରମ ଓଠ
ସରମେ ଶିହରେ ସଜ ମଲ୍ଲୀ ,ପାଇ
ପହିଲି ପ୍ରେମର ଛୁଆଁ ।।
ଶୀତର ସହରେ ---




ବର୍ଣ୍ଣାଳୀ ସାହିତ୍ୟ ସଂସଦ ତାଳଚେର ଟାଉନ, ଅନୁଗୁଳ
ମୋ --୯୩୩୭୯୭୨୭୪୯


## ମୁଁ


ରମାକାନ୍ତ ଦାସ


ମୋ ଜୀବନ ମରୁରେ ମୁଁ ଆତ୍ମହରା ପଥିକ
ମୋ ଜୀବନ କାହାଣୀର ମୁଁ ନିରବ ଶୀର୍ଷକ ।।

କଏଦୀ ହୁଏ ମୁଁ ନିତି ସମୟର କୋଚରୀରେ
ମୋ ହୃଦୟକୁ ରଖେ ମୁଁ ଖଣ୍ଡାର ଧାରରେ ।।

ସ୍ୱପ୍ନ କିଣେ ସ୍ୱପ୍ନ ବିକେ ମୋ ଜୀବନ ହାଟରେ
ମୋ ଲୁହ ସବୁ ଲୁଚିରହେ ପଲକର ପଣତରେ ।।

ଅସହାୟ ମୁଁ ନିରନ୍ତର ମୋ ଦି ଦିନର ଜୀବନରେ
ନୀରବ ମୁଁ ନିରୁତ୍ତର ମୋ ଅଛପା କଥାର ଶବ୍ଦରେ ।।

ଖୋଜିଚାଲେ ସବୁଆଡେ ମୁଁ ସ୍ନେହର ପରିଧି
ସ୍ୱାର୍ଥର ପାଉଁଶ ତଳେ ମୋ ଖୁସିପାଏ ସମାଧି ।।

ଡ଼ରେନା କା ଆତଙ୍କକୁ ମୁଁ ଆବେଗ ହୀନ ପର୍ବତ
ମୁଁ ଉଦାସ ବେଳାଭୂମି ମୋ ଇଚ୍ଛାର ନାହିଁ ଅସ୍ତିତ୍ୱ ।।

ମୁଁ ଅଲିଭା କାଳିର ଫର୍ଦ୍ଦ କିଏ ମୋତେ ଲେଖିଯାଏ
ପରାଜୟ ଘାଟରେ ମୁଁ ସ୍ୱପ୍ନର ସୌଦାଗରଟିଏ ।।

ମୁଁ ଜୀଏଁ ମୋ ଆବେଗକୁ ନେଇ ଯାର ରୂପ ନାହିଁ
ମୁଁ ଜୀଏଁ ମୋ ପ୍ରଣୟକୁ ନେଇ ଯାର ପୂର୍ଣ୍ଣତା ନାହିଁ ।।

ଇନ୍ଦ୍ରଧନୁର ମୁଁ ଅଷ୍ଟମ ରଙ୍ଗ ଯାହାର ଅଙ୍କନ ନାହିଁ
ଆକାଶର ମୁଁ ସପ୍ତ ଋତୁ ଯାହାର ଅନୁଭବ ନାହିଁ ।।




ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯


## ହତ୍ୟା


ଡ. ଦୀପକ କୁମାର ମିଶ୍ର


ଶୋକ ପାଳୁଥିବା ସକାଳଟା ଖୁବ୍ ମର୍ମାହତ ଥିଲା
ଫୁଲଟିର ନିର୍ମମ ହତ୍ୟାରେ,
ବନ୍ଦଥିଲା ମଧ୍ୟ ପକ୍ଷୀମାନଙ୍କର କଳରବ
ଉଡୁ ନଥିଲେ ରଙ୍ଗବେରଙ୍ଗର
ପ୍ରଜାପତିଗଣ
ଲୋତକର ଲିପିରେ ଲେଖାଚାଲିଥିଲା
ବିଦାୟୀକାଳୀନ ମୃତ୍ୟୁଗୀତଟିଏ
ବୋଲିବାକୁ ତୟାର ହେଉଥିଲେ
ମହୁମାଛି, ଭଅଁର
ବେଦନା ଭରା ସମୁହ କଣ୍ଠରେ ।

ଏତେ ସବୁ ବିପର୍ଯ୍ୟୟ ପରେ ବି
ବିବ୍ରତ ନଥିଲା ମଣିଷ
ଶଙ୍କିତ ନଥିଲା ହୃଦୟ
ଚିରାଚରିତ ଅଭ୍ୟସ୍ତ ଜୀବନ ଶୈଳୀରେ
ଚାଲୁଥିଲା ପାଦ
ରକ୍ତକୁ ନିର୍ଭୟରେ ପୋଛି
ସାହସରେ ହସୁଥିଲା ହାତ
ଅବଶ୍ୟ ଫୁଲ ବୋଲି
ତାକୁ କେହି କହି ନଥିଲେ ଶବ
ତା'ର ବି ହୋଇ ନଥିଲା ଶବଦାହ,
ଅନ୍ତିମ ସଂସ୍କାର ।

ହତ୍ୟାର ଅର୍ଥ ଆଉ କ'ଣ ହୋଇପାରେ ...
ଏକ ନିଛକ ହସର ଆହୁତି
ଓଠର ବକରବକର ପଣିଆରେ
ସବୁଦିନିଆ କଞ୍ଚି
ଉଦ୍-ବେଳିତ ଆଖିର ଇତି
ଏକ ଜୀବନ୍ତ ଜୀବନର ସମ୍ପୂର୍ଣ୍ଣ ପରିସମାପ୍ତି ।

ଖାଲି ମଣିଷର ହତ୍ୟା ହୁଏନି ମ
ବିଭତ୍ସ ହତ୍ୟା ହୁଏ କାକରର,
ସକାଳର, ପ୍ରଜାପତିର, ପକ୍ଷୀଗୀତର
ମେଘର, ବର୍ଷାର, ଫୁଲର, ଫଗୁଣର
ବିଶ୍ୱାସର, ସର୍ବୋପରି ଅନ୍ଧ ହୃଦୟର ।

ଯେଉଁଦିନ ସ୍ୱାର୍ଥର ଛୁରୀର
ତ୍ୱରିତ ବେଗରେ
ମଣିଷ ହାଣିଦିଏ ବିବେକର ବେକ
ସେଇଦିନୁ ହିଁ ସେ ହତ୍ୟାର ଶିକାର
ଯାହା ଖାଲି ବଞ୍ଚିରହେ ବାକିଦିନଗୁଡ଼ିକୁ
ଶବର ପରିଚୟ ଅପେକ୍ଷାରେ ।


ଭୁବନେଶ୍ୱର
୮୨୮୦୨୧୧୦୦୦


## ରଖିବନି ଅଧା


ବିନୟ କୁମାର ମିଶ୍ର


ଲେଖିବାକୁ ଭାରି ମନ
କବିତାଟେ ଆଜି,
କେଉଁଠୁ ଆରମ୍ଭ ହେବ
କାଳେ ଯିବ ଭାଜି,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା।।

ମୁହଁ ଦେଖା ଅଧା ତୁମ
ଅଧା ମୁଦି ପିନ୍ଧା,
ଅଧା ବାହାଘର ବେଦୀ
ଭୋଜି ମଧ୍ୟ ଅଧା,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା।।

ଜୀବନର ଧାଡ଼ି ଅଧା
ଅଧାରୁ ଅଧିକ,
ଭାବନା ବି ଅଧା ଅଛି
ତଥାପି ଭାବୁକ,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା।।

ସୁଅ ମୁହଁରେ ପତର
ଭଗିଆ ସାରିଆ,
ଛମାଣ ଆଠଗୁଣ୍ଠ
ମୁଁ ହିନିମାନିଆ,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା।।

ଶବ୍ଦ ସବୁ ଅମାନିଆ
ଅବୁଝା ତା ଅର୍ଥ,
ଭାବ ସବୁ ଇତଃ ତତଃ
ଜୀବନ ବିଅର୍ଥ,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା।।

ତୁମବିନା ଶୂନ୍ୟ ଲାଗେ
ଜୀବନର ଛାଇ,
ଲିଭା ଦୀପରେ ତଇଳ
ଟୋପେ ଆଉ ନାହିଁ,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା।।

ତଥାପି ଲେଖୁଛି ବସି
କିଛି ଦୁଇଧାଡ଼ି,
ଯାର ଅର୍ଥ ଜଣା ନାହିଁ
ଯାଉଛି ମୁଁ ମାଡ଼ି,
ତମପାଇଁ ଲେଖିବି ମୁଁ
ପ୍ରଥମ କବିତା
ପଢିନେବ ସବୁଧାଡି
ରଖିବନି ଅଧା।।




ନିଆଳ
ଖୋର୍ଦ୍ଧା


## କାହିଁକି ଆଉ ପଚାରୁଛ ମତେ


ନାରାୟଣ ପ୍ରସାଦ ରାଉଳ


ମତେ ଆଉ ପଚାରନି ଏ କୋମଳ
କରୁଣ ଚିତ୍କାର ଆଉ ଛାତିଥରା ପ୍ରଚଣ୍ଡ ଶବ୍ଦ ଆସୁଛି କେଉଁଠୁ,
ବେଘର ବେସାହାରାଙ୍କୁ ରୁଟି ଖଣ୍ଡେ
ବି ନାହିଁ, ଖସି ପଡୁଛି ମୁଣ୍ଡ ଉପରୁ ଛାତ ପାଦତଳୁ ମାଟି
ଇଏ କୁଆଡେ ଆମ ଏକବିଂଶ ଶତାବ୍ଦୀର ଅର୍ଥନୀତି
ମୂଳଦୁଆ,
ଦିବଂଗତ ଆତ୍ମାଙ୍କ ସାନିଧ୍ୟରେ
କୁଆଡ଼େ ସୃଷ୍ଟି ହବ
ନୂଆ ପୃଥିବୀର ଛାତି।


ପଚାରନି ଆଉ ମତେ କେତେ ରକ୍ତରେ ତର୍ପଣ କରିବାକୁ ହୁଏ,
କେତେ ବିଷାକ୍ତ ଜଳରେ ଧୋଇ ହୁଏ ପାପରାଶି
କୋଉ ଅସ୍ତ୍ରରେ ମପାଯାଏ ପାପର
ସୀମା ପରିସୀମା,
କଉ ମାଟି ମାଆ କୋଳରେ
ବଞ୍ଚିବାକୁ ହୁଏ ଜୀବନ,
କେତେ ଇଞ୍ଚରେ ଲୁଚେଇ ବାକୁ ପଡେ ଦେହର ଦହନ।

କେମିତିବା ପଚାରୁଛ ମୋ ଶବପାଖେ ଠିଆ ହୋଇ
ଦର୍ଶନର ମୂଲ୍ୟବୋଧ ,
ଅଦିନ କୁହୁଡ଼ି ଗ୍ରାସରେ ପୃଥିବୀର
ସାରାଟା ଦେହ, ମା ବସୁଧାକୁ

ସଫେଦ ଚାଦରରେ ଢାଙ୍କି ଦେଇ
ବେଫିକର ମତଲବି ମାନେ
ସକାଳର ସୂର୍ଯ୍ୟକୁ ପ୍ରତୀକ୍ଷା କରିଛନ୍ତି ଯେଉଁଠି ରାତି
ପାଉ ନ ଥିବ
ମାଡି ଆସୁଥିବ କାଳ ଆତଙ୍କ।

ମୁଁ ସମ୍ପୂର୍ଣ୍ଣ ବିବସ୍ତ୍ର,
କେମିତିବା ମୁଣ୍ଡ ଟେକି ଚାହିଁବି
ମୋ ନଗ୍ନ ଦେହକୁ, ପଚାରନି ମତେ
କେତେ ହେଲେ ପୁରିବ ଭୋକ
କେତେ ଲୁଟିଲେ ମୁଠାଏ ଶାନ୍ତି,
ସେମାନେ ସବୁ ଇତିହାସ ରଚିଲେ
ଗୋଟେ ନିହାତି ନୂଆ ଅଧ୍ୟାୟ ପାଇଁ,
ମୁଁ କିନ୍ତୁ ହତଭାଗ୍ୟ ମୋ ଇତିହାସ କିନ୍ତୁ..
ପାଉଁଶ ଗଦାରେ ଅସ୍ଥି ଖୋଜୁଛି ମୁଁ
ପିଣ୍ଡ ଦବାକୁ କିଏ ଉତ୍ତରାଧିକାରୀ ହବ।

ମତେ ଆଉ ପଚାରନି ଏନ୍ତୁଡିଶାଳ
ସମ୍ଭବ କି ନାହିଁ, ସବୁଠି ତ ବାରୁଦ ଗଦାର ଶେଜ,
ଏବେ କୁ ବ୍ରହ୍ମାସ୍ତ୍ର ପାଇଁ ପ୍ରସ୍ତୁତି
ରାବଣର ଛତ୍ର ଭଂଗ ବେଳ,
ଏଠି ରାବଣ ବେହିସାବ, ଆଉ
ଚାରି ଗଣ୍ଡା ବାକି ଅଛି,
ମତେ ଆଉ ପଚାରନି ହିସାବ ଛପନ ଗଣ୍ଡା ପରେ,
କେତେ ଅଭୋଗକୁ ବାକି ରହିଗଲା।




କଷଣଅଣ୍ଡା,
ପଟ୍ଟାମୁଣ୍ଡାଇ, କେନ୍ଦ୍ରପଡା, ଓଡିଶା


## ଜୀବନକୁ ପଦେ


ଧର୍ମାନନ୍ଦ ମହାରଣା


ଯନ୍ତ୍ରଣା କେତେ କେଉଁଠୁ ମିଳିଛି,
ଛାଡ ସେସବୁ କଥା,
ହେ ଚଳଚଞ୍ଚଳ ପ୍ରବହମାନ ଜୀବନ !

ଆସ କିଛି କ୍ଷଣ ପାଇଁ ଏକାଠି ବସିଯିବା,
କପେ କପେ ଚା ପିଇ ଦେବା,,
ଆଉ କେତେ ରାସ୍ତା ବାକି ଅଛି,
ତୁମ ସହ ଏକାଠି ଯାତ୍ରା କରିବାର
ଏଥର କୁହ ତୁମେ...... ? ?

ହେ ସୁନ୍ଦର ଅମୃତମୟ ଜୀବନ !!
ମତେ ଘେନି ତୁମେ କରିବ କଅଣ ? ?

କେଉଁ ଆକାରରେ ଗଢ଼ିବ ? ?
ମତେ ନିଅ : ଭାଙ୍ଗିଦିଅ--
ଆଘାତ ଦିଅ ଅବା ସ୍ନେହ କର--
କିନ୍ତୁ ନିର୍ଜନ ଓ ନିରାପଦ ସିଂହାସନରେ
ମତେ ବସେଇ ଦିଅ ନାହିଁ.... !!

ହେ ରଶ୍ମିମନ୍ତ ଭୟଙ୍କର ଜୀବନ !!
ଦେଖ, ମୁଁ ମୋର ଆତ୍ମା ଓ ଦେହ
ତୁମ ଠାରେ ସମର୍ପଣ କରୁଛିପ
ବେଦନା ଓ ବିସ୍ମୟ ମୋ'ର ସମ୍ପଦ-ପରମ୍ପରା ହେଉ ;

କିନ୍ତୁ, ହେ ପ୍ରିୟ ଜୀବନ !!
ବିରାଗ ଓ ପ୍ରାଣହୀନ ଭାବରେ
ମତେ ଖଣ୍ଡ ଖଣ୍ଡ କରି
ପରିତ୍ୟକ୍ତ କରନାହିଁ.....
ମତେ ଖଣ୍ଡ ଖଣ୍ଡ କରି
ପରିତ୍ୟକ୍ତ କରନାହିଁ !!




ଗଞ୍ଜାମ
ମୋ-୮୯୧୭୪୪୬୪୪୧


## ଘର



ସ୍ନିଗ୍ଧା ପଣ୍ଡା


ପ୍ରତିଥର ନଈ ଉଛୁଳିଲା ବେଳକୁ
ପାପୁଲି ତଳେ ଲୁଚେଇ ଦେବାକୁ ହୁଏ ଘର
ଘରମାନେ କିଛି ସ୍ୱପ୍ନ ଆଉ ଆଶା
ଯେଉଁଠି ପହଞ୍ଚିଗଲେ ଛାତିରେ
ଭରିହୋଇଯାଏ
ଜିଇଁବାର ନିଶା
ସେଇ ଛାତି ପୁଣି ତିଆର ଥାଏ
ତିଆରିଦେବାକୁ ଛାତଟିଏ
ଯେତେଥର ଝଡ ଆସି ଉଡେଇନେବ ମୁଣ୍ଡ
ଉପରୁ ଛପର
ଯେତେଥର ଝଞ୍ଜା ବହି ଡେଇଁବ ନିଆଁ
ବଇଶାଖ ଖରାବେଳେ
ପୁଣି ସେଇ ପାଉଁଶ ଭିତରୁ
ଘରଟିଏ କରିହେବ ଠିଆ ?

ଯେତେଥର ନଷ୍ଟହେବାର ବେଳା
ଆସିବ
ନିଶ୍ଚୟ ତ କିଛି ନଷ୍ଟ ହେବ
ଯେତେ ଥର ବଢି ଝଡି ଆସୁଥିବ
ଭାସିଯିବ ଭାଙ୍ଗିଯିବ ଇଟା ଆଉ
କୁଟାର ଘର
ସେତେଥର ଗଢି ଦେଇପାରିବ
କାହାର ହାତ ଆଉ ଛାତିର ସାମର୍ଥ୍ୟ
ଯେମିତି ସବୁ ଅନ୍ଧାର ପରେ
କେହି ଜଣେ ଚଳେଇଆଣେ ଆଲୁଅର
ରଥ ?

ଗୋଟେ କୁନି ନୀଡ ବି ମନତଳେ ଥାଏ
କେବେ ଯଦି ଭାଙ୍ଗିଯାଏ କାହା
ଆଘାତରେ
ପୁଣି କାହା ପରଶ କି ଗଢିଦେବ ତାକୁ

ଯେମିତି ସେ ଥିଲା ଆଜିଯାଏଁ
ଏମିତିରେ ନୀଡରୁ କି ସହଜରେ
ଘର ଗଢିହୁଏ ?




ମୋ-୯୮୬୧୩୨୩୬୫୦


## ଶବ୍ଦାସ୍ତ୍ର


ଅନସୂୟା ପଣ୍ଡା


କେତେ ସ୍ୱପ୍ନ ଦେଖାଅ ପୁଣି ଭାଙ୍ଗ
ନିଠେଇ ନିଠେଇ ଅନର୍ପଣ
ମଧୁର ସମବେଦନାର
ଦୂଷିତ ଜହର ବାଣ୍ଟ।
ପାଟିରେ ତୁମର କେମିତି କଅଁଳେ
ବେଧଡକ୍ ମାଳ ମାଳ ଡାହାମିଛ
ଗୋଟେ ଝିଅର ବଳାତ୍କାର ପରେ
ବାହାରେ କୋହର ଆନୁନାସିକ ସ୍ୱର।
ଅଗୋଚରେ ଯେତିକି ଶିଡି ଚଢାଅ
ସେତିକି ସାପକୁ ଗିଳାଅ
ଯେଉଁଠି ଯେମିତି ଥିଲା ଅତ୍ୟାଚାର
ସେଇଠି ସେତିକି କୁଣ୍ଡଳୀ ମାରି
ବସିଛି ଅପରାହତ ଅତ୍ୟାଚାରୀ
ରାଜନୀତିର ପେଡି ଭିତରେ
ସାଞ୍ଜୁ ପିନ୍ଧି ସୁରକ୍ଷାର।
ଖାଲି ମିଛ ପ୍ରବୋଧନାର ପବନ ବହେ
ଛଳନାର ଆଖିଏ ଲୁହରେ
ସାନ୍ତ୍ୱନା ସବୁ ଚହଲୁଛି
ମିଛି ମିଛିକା ମନ୍ତ୍ରଣାରେ।
ଏମିତି ଚାଲିଥିବ ମୁରବି ପଣ
ବୁଦ୍ଧୁ ବନେଇବାର ରାଜନୀତି
ଆଖିରେ ହାତ ଗେଞ୍ଜି ଜନତାର
ଆଶା ବିଶ୍ୱାସରେ ଶକ୍ତ ପ୍ରହାର
ତୁଚ୍ଛ ରାଜନେତାଙ୍କ ଶବ୍ଦାୟିତ ଅସ୍ତ୍ର।




ବୁର୍ଲା, ସମ୍ବଲପୁର, ଫୋନ:-୯୪୩୯୨୧୧୯୭୧

# ସୌରଭ ଗାଙ୍ଗୁଲିଙ୍କ ୩୫ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଲେ ଦଶମ ଶ୍ରେଣୀ ଛାତ୍ର ଅଙ୍କିତ ଚାଟାର୍ଜୀ



**ନୂଆଦିଲ୍ଲୀ**

ରଣଜୀ ଟ୍ରଫି ୨୦୨୪-୨୫ ସିଜିନରେ ଲିଗ୍ ପର୍ଯ୍ୟାୟର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏଥିରେ ରୋହିତ ଶର୍ମା, ରିଷଭ ପନ୍ତ, ଶୁଭମନ ଗିଲ୍ ଭଳି ଷ୍ଟାର ଖେଳାଳିମାନେ ଖବର ଶିରୋନାମା ପାଲଟିଛନ୍ତି। ବିସିସିଆଇର ନିର୍ଦ୍ଦେଶକ୍ରମେ ଟିମ୍ ଇଣ୍ଡିଆର ଏହି ଅଭିଜ୍ଞ ଖେଳାଳିମାନଙ୍କୁ ରଣଜୀ ଟ୍ରଫିକୁ ଫେରିବାକୁ ପଡ଼ିଛି। ସମସ୍ତଙ୍କ ଧ୍ୟାନ ଏହି ପ୍ରସିଦ୍ଧ ଖେଳାଳିମାନଙ୍କ ଉପରେ ଥିବାବେଳେ, ଜଣେ ୧୬ ବର୍ଷୀୟ ବାଳକ ଏକ ଚକିତ କରାଇବା ରେକର୍ଡ ସୃଷ୍ଟି କରିଛି। ସେ ହେଲେ ଅଙ୍କିତ ଚାଟାର୍ଜୀ, ଯିଏ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ତଥା ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ରେକର୍ଡ ଭାଙ୍ଗିଛନ୍ତି।

ରଣଜୀ ଟ୍ରଫିର ଗ୍ରୁପ ପର୍ଯ୍ୟାୟ ଗୁରୁବାର, ଜାନୁଆରୀ ୨୩ ତାରିଖରୁ ପୁଣି ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ପଶ୍ଚିମବଙ୍ଗର କଲ୍ୟାଣୀରେ ବଙ୍ଗ ଏବଂ ହରିୟାଣା ଦଳ ମୁହାଁମୁହିଁ ହୋଇଥିଲେ। ପ୍ରଥମ ଦିନରେ ବଙ୍ଗୀୟ ବୋଲରମାନେ ବିପର୍ଯ୍ୟୟ ଘଟାଇ ପ୍ରଥମ ଇନିଂସରେ ହରିୟାଣାକୁ ମାତ୍ର ୧୫୭ ରନରେ ଅଲଆଉଟ୍ କରିଦେଇଥିଲେ। ପଶ୍ଚିମବଙ୍ଗ ବୋଲିଙ୍ଗ ଏହି ସଫଳତା ପୂର୍ବରୁ ଅଙ୍କିତ ଚାଟାର୍ଜୀ ଏକ ସ୍ୱତନ୍ତ୍ର ରେକର୍ଡ କରିଥିଲେ। ମଇଦାନକୁ ଓହ୍ଲାଇବା ମାତ୍ରେ ଅଙ୍କିତ ପଶ୍ଚିମବଙ୍ଗ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଥିବା ସବୁଠାରୁ କମ୍ ବୟସ ଖେଳାଳି ପାଲଟିଛନ୍ତି।

ଓପନିଂ ବ୍ୟାଟ୍ସମ୍ୟାନ ଭାବେ ଖେଳିଥିବା ଅଙ୍କିତ ୨୩ ଜାନୁଆରୀ ୨୦୨୫ରେ ମାତ୍ର ୧୫ ବର୍ଷ ୩୬୧ ଦିନ ବୟସରେ ଏହି ସଫଳତା ପାଇଥିଲେ। ସେ ପଶ୍ଚିମବଙ୍ଗର ସର୍ବଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଏବଂ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ରେକର୍ଡ ଭାଙ୍ଗିଛନ୍ତି। ଗାଙ୍ଗୁଲି ୩୫ ବର୍ଷ ପୂର୍ବେ ୧୯୯୦ ରଣଜୀ ଟ୍ରଫି ଫାଇନାଲରେ ୧୭ ବର୍ଷ ବୟସରେ ଡେବ୍ୟୁ କରିଥିଲେ। ତେବେ ଅଙ୍କିତ ତାଙ୍କ ଜନ୍ମଦିନ (୨୭ ଜାନୁଆରୀ) ପୂର୍ବରୁ ଏହି ଆଶ୍ଚର୍ଯ୍ୟଜନକ କାରନାମା କରିଥିଲେ।

ଅଙ୍କିତ ବର୍ତ୍ତମାନ ପଶ୍ଚିମବଙ୍ଗର ଏକ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଛନ୍ତି। ସେ ସମ୍ପ୍ରତି ଭିନୁ ମାଙ୍କଡ଼ ଟ୍ରଫିରେ ନିଜର ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଏହି ସମୟ ମଧ୍ୟରେ ସେ ୪୨ ହାରରେ ୩୭୬ ରନ କରିଥିଲେ। ଏହା ବ୍ୟତୀତ, ୨୦୨୪ ମସିହାରେ କୁଚ ବିହାର ଟ୍ରଫିରେ ସେ ୪୧ ହାରରେ ୩୨୫ ରନ କରିଥିଲେ।

## ରଣଜୀ ଟ୍ରଫି ୨୦୨୪-୨୫

# ରୋହିତ, ରାହାଣେ ଓ ଦୁବେଙ୍କୁ ଆଉଟ୍ କରି ଚର୍ଚ୍ଚାରେ ଉମର ମୀର

**ନୂଆଦିଲ୍ଲୀ**

ଚର୍ଚ୍ଚା ଦ୍ରୁତ ବୋଲର ଉମର ନାଜିର ମୀର। ଜମ୍ମୁ-କଶ୍ମୀର ପାଇଁ ଘରୋଇ କ୍ରିକେଟ ଖେଳୁଥିବା ଉମର ମୁମ୍ବାଇ ବିପକ୍ଷରେ ଦମ୍‌ଦାର ବୋଲିଂ କରି ଚର୍ଚ୍ଚାକୁ ଆସିଛନ୍ତି। ସେ ଗୁରୁବାର ରୋହିତ ଶର୍ମା, ଅଜିଙ୍କ୍ୟ ରାହାଣେ ଓ ଶିବମ୍ ଦୁବେଙ୍କ ଭଳି ଷ୍ଟାର ବ୍ୟାଟରଙ୍କୁ ନିଜ ଘାତକ ବୋଲିଂରେ ଚକ୍‌ମା ଦେଇ ପ୍ୟାଭିଲିୟନ ପଠାଇଛନ୍ତି। ଉମର ମୁମ୍ବାଇର ଅନ୍ୟତମ ଷ୍ଟାର ହାର୍ଦ୍ଦିକ ତାମୋରେଙ୍କ ୱିକେଟ ବି ନେଇଛନ୍ତି।

ଗୁରୁବାର ୩୧ ବର୍ଷୀୟ ଉମର ନିଜର ବୋଲିଂ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ନିଜ ପେସ୍ ଓ ବାଉନ୍ସ ମାଧ୍ୟମରେ ସେ ନିୟମିତ ଭାବେ ମୁମ୍ବାଇର ବ୍ୟାଟରମାନଙ୍କୁ ଘାଇଲା କରି ଚାଲିଥିଲେ। ସେ ୧୧ ଓଭର ବୋଲିଂ କରି ୪୧ ରନ ଦେବା ସହ ୪ଟି ୱିକେଟ ଦଖଲ କରିଛନ୍ତି। ଏଥିଯୋଗୁ ଷ୍ଟାର ଖଚିତ ମୁମ୍ବାଇ ତା'ର ପ୍ରଥମ ଇନିଂସରେ ମାତ୍ର ୧୨୦ ରନ କରି ଅଲଆଉଟ ହୋଇଯାଇଛି। ୬ ଫୁଟ ୪ ଇଞ୍ଚ ଉଚ୍ଚତାର ମୀରଙ୍କ ପେସ୍ ବୋଲିଂ ଦେଖି ସମସ୍ତେ ପ୍ରଭାବିତ ହୋଇଛନ୍ତି।

ଉମର ନାଜିର ପ୍ରଥମେ ଫର୍ମ ପାଇଁ ସଂଘର୍ଷ କରୁଥିବା ରୋହିତ ଶର୍ମା(୩)ଙ୍କୁ ଶର୍ଟ ପିଚ୍ ବଲ୍‌ରେ ଆଉଟ୍ କରିଥିଲେ। ରୋହିତ ତାଙ୍କ ପେସ୍ ଓ ବାଉନ୍ସକୁ ଆଦୌ ବୁଝି ପାରି ନଥିଲେ। ଏହାପରେ ୧୨ ରନ



କରିଥିବା ରାହାଣେଙ୍କୁ ମୀର କ୍ଲିନ୍‌ବୋଲ୍ଡ କରି ଦେଇଥିଲେ। ୧୪ତମ ଓଭରର ଦ୍ୱିତୀୟ ବଲରେ ହାର୍ଦ୍ଦିକ ଓ ୫ମ ବଲରେ ଶିବମ୍ ଦୁବେଙ୍କୁ ଖାତା ଖୋଲିବା ପୂର୍ବରୁ ମୀର ପ୍ୟାଭିଲିୟନ ପଠାଇ ଦେଇଥିଲେ।

ଜମ୍ମୁ-କଶ୍ମୀର ପାଇଁ ମୀର ଦୀର୍ଘ ଦିନ ହେଲା କ୍ରିକେଟ ଖେଳୁଥିଲେ ହେଁ କେବେ ହେଲେ ଚର୍ଚ୍ଚାକୁ ଆସି ନଥିଲେ। କିନ୍ତୁ ଗୁରୁବାର ମୁମ୍ବାଇ ବିପକ୍ଷ ରଣଜୀ ମ୍ୟାଚ୍‌ରେ ସେ ଘାତକ ବୋଲିଂ କରିବାରୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ମୀର ୨୦୧୩ରେ ଜମ୍ମୁ-କଶ୍ମୀର ପାଇଁ ଡେବ୍ୟୁ କରିଥିଲେ। ସେବେଠାରୁ ଇତି ମଧ୍ୟରେ ସେ ୫୭ଟି ମ୍ୟାଚ୍ ଖେଳି ୧୩୮ଟି ୱିକେଟ ନେଇଛନ୍ତି। ଲିଷ୍ଟ ଏ କ୍ରିକେଟରେ ତାଙ୍କ ୱିକେଟ ସଂଖ୍ୟା ୫୪ ଥିବା ବେଳେ ଟି-୨୦ ଫର୍ମାଟରେ ମୀର ୩୨ଟି ୱିକେଟ ନେଇଛନ୍ତି।

ଜମ୍ମୁ-କଶ୍ମୀରର ପୁଲଓ୍ୱାମାରେ ଜନ୍ମ ଗ୍ରହଣ କରିଥିବା ମୀରଙ୍କ ଉଚ୍ଚତେ ୬ ଫୁଟ ୪ ଇଞ୍ଚ। ୨୦୧୮-୧୯ରେ ତାଙ୍କୁ ଦେଓଧର ଟ୍ରଫି ପାଇଁ ଘୋଷଣା ହୋଇଥିବା ଇଣ୍ଡିଆ ସି ସ୍କ୍ୱାଡ୍‌ରେ ରଖାଯାଇଥିଲା। ଉମର ନଜିର ମୀର ଜମ୍ମୁ-କଶ୍ମୀର ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟରେ ୫ଥର ପାଇଁ ୪ଟି ୱିକେଟ ନେଇଛନ୍ତି।

ଚଳିତ ରଣଜୀ ଟ୍ରଫିରେ ଏଯାଏ ୩ଟି ମ୍ୟାଚ୍‌ର ୫ଟି ଇନିଂସରେ ବୋଲିଂ କରିଥିବା ମୀର ୯.୯୩ ହାରରେ ୧୫ଟି ୱିକେଟ ନେଇଛନ୍ତି। ତାଙ୍କ ବୋଲିଂ ଇକୋନୋମୀ ୨.୯୩ ରହିଛି। ସେହିପରି ଗତବର୍ଷ ସର୍ଭିସେସ୍ ବିପକ୍ଷରେ ସେ ୫୩ ରନରେ ୬ଟି ୱିକେଟ ମଧ୍ୟ ଦଖଲ କରିଥିଲେ। ଏହା ତାଙ୍କ ରଣଜୀ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ।

ନଜିର ୨୦୧୩ ମସିହା ଡିସେମ୍ବର ମାସରେ ଆସାମ ବିପକ୍ଷ ମ୍ୟାଚ୍‌ରେ ଜମ୍ମୁ-କଶ୍ମୀର ପାଇଁ ଡେବ୍ୟୁ କରିଥିଲେ। ନାଲି ବଲରେ ସେ ଏଯାଏଁ ୫୭ଟି ମ୍ୟାଚ୍ ଖେଳିଥିବା ବେଳେ ୨୯.୧୨ ହାରରେ ୧୩୮ଟି ୱିକେଟ ପାଇଛନ୍ତି। ତାଙ୍କ ନାଁରେ ୬ ଥର ୫ କିମ୍ବା ତା' ଠାରୁ ଅଧିକ ୱିକେଟ ରହିଛି। ଏହା ବ୍ୟତୀତ ସେ ୩୬ଟି ଲିଷ୍ଟ ଏ କ୍ରିକେଟରେ ୨୮.୮୩ ହାରରେ ୫୪ଟି ୱିକେଟ ନେଇଛନ୍ତି। ଏହି ଫର୍ମାଟରେ ମୀର ଗୋଟିଏ ଥର ୫ଟି ୱିକେଟ ବି ନେଇଥିଲେ।

ଟି-୨୦ ଫର୍ମାରେ ୩୧ ବର୍ଷୀୟ ମୀର ୧୯.୪୦ ହାରରେ ୨୪ଟି ଇନିଂସରେ ୩୨ଟି ୱିକେଟ ପାଇଛନ୍ତି। ସେ ୭.୧୬ ହାରରେ ରନ ଦେଇ ଗୋଟିଏ ଥର ୫ଟି ୱିକେଟ ଦଖଲ କରିଥିଲେ। ଟି-୨୦ରେ ମୀର ପଞ୍ଜାବ ବିପକ୍ଷ ଗୋଟିଏ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ସେ ୪ ଓଭରରେ ମାତ୍ର ୧୫ ରନ ଦେଇ ୪ ୱିକେଟ ଦଖଲ କରିଥିଲେ। ଏହି ପ୍ରଦର୍ଶନ ବଳରେ ଜମ୍ମୁ-କଶ୍ମୀର ୨୦୧୭ ଅନ୍ତଃରାଜ୍ୟ ଟି-୨୦ ଟୁର୍ଣ୍ଣାମେଣ୍ଟରେ ୧୨୭ ରନକୁ ପଞ୍ଜାବ ବିପକ୍ଷରେ ଡିଫେଣ୍ଡ କରି ବିଜୟୀ ହୋଇଥିଲା।

ଦମ୍‌ଦାର ପ୍ରଦର୍ଶନ ସତ୍ତ୍ୱେ ମୀରଙ୍କୁ ଆଜି ଯାଏ ଆଇପିଏଲରେ ସୁଯୋଗ ମିଳିନାହିଁ। ତଥାପି ସେ ପଞ୍ଜାବ କିଙ୍ଗ୍‌ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ନେଟ୍ସ ବୋଲର ଭାବେ ନିଜ ଜଲୱା ଦେଖାଇ ସାରିଛନ୍ତି।

# ବାରବାଟୀ ମ୍ୟାଚ୍ ପାଇଁ ଟିକେଟ୍ କିଣିଲେ ଧର୍ମେନ୍ଦ୍ର ପ୍ରଧାନ




**କଟକ**

ଫେବୃୟାରୀ ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହାକୁ ନେଇ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଇଛି। ବଡ଼ ବଡ଼ ରାଜନେତା ଏହି ମ୍ୟାଚ୍ ପାଇଁ ଟିକେଟ୍ କିଣୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାରବାଟୀ ମ୍ୟାଚ୍ ପାଇଁ ଟିକେଟ କିଣିଛନ୍ତି। ଗୁରୁବାର ସମ୍ବଲପୁରରେ ଓଡ଼ିଶା କ୍ରିକେଟ ଆସୋସିଏସନର ସଦସ୍ୟମାନେ ଭେଟିଛନ୍ତି। କ୍ରିକେଟ ମ୍ୟାଚର ଆୟୋଜନ ଓ ବ୍ୟବସ୍ଥା ଉପରେ ଆଲୋଚନା କରିଛନ୍ତି ଧର୍ମେନ୍ଦ୍ର। ସୂଚନାଯୋଗ୍ୟ, ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ଫେବୃୟାରୀ ୯ରେ ବାରବାଟୀ ଷ୍ଟାଡ଼ିୟମରେ ଖେଳାଯିବ।

## ମୁଖ୍ୟମନ୍ତ୍ରୀ କପ୍ ଜୁନିଅର ଫୁଟବଲ୍

# ଫାଇନାଲରେ ଆଗରପଡ଼ା ଟିମ୍ ବିଜୟୀ



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଦୋବଲସ୍ଥିତ କାଳୀ ପଡ଼ିଆରେ ଚାଲିଥିବା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କପ୍ ଜୁନିୟର ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ମ୍ୟାଚ୍‌ରେ ରୋଭର୍ସ କ୍ଲବ ଭଦ୍ରକ ଓ ସୁବର୍ଣ୍ଣେଶ୍ୱର କ୍ଲବ ଆଗରପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପେନାଲ୍ଟି ସୁଟ୍ ଆଉଟ ଆଧାରରେ ଆଗରପଡ଼ା ଟିମ୍ ୩-୦ରେ ବିଜୟ ହୋଇଛି।

ଉଭୟ ଟିମ୍ ମଧ୍ୟରେ ରୋମାଞ୍ଚକ ଖେଳ ହୋଇଥିଲା। ଖେଳର ହାଫ୍‌ରେ କେହି କାହାକୁ ଗୋଲ ଦେଇପାରିନଥିଲେ। ଶେଷ ସମୟରେ ଉଭୟ ଟିମ୍ ୧-୧ ଗୋଲ ଦେଇ ପ୍ରାଧାନ୍ୟ ବିସ୍ତାର କରି ଖେଳକୁ ଡ୍ର' ରଖିଥିଲେ। ପରେ ଉଭୟଙ୍କ ମଧ୍ୟରେ ପେନାଲ୍ଟି ସୁଟ୍ ଆଉଟ୍ ହୋଇଥିଲା। ରୋଭର୍ସ କ୍ଲବ ୩ଟି ପେନାଲ୍ଟି ସୁଟ୍ ଆଉଟ କରିଥିଲା। ହେଲେ ଏଥିରେ କୌଣସି ଗୋଲ୍ କରିପାରିନଥିଲା। ବିପକ୍ଷ ଆଗରପଡ଼ା ଟିମ୍ ପକ୍ଷରୁ ୩ଟି ସୁଟ୍ ଆଉଟ୍‌ରେ ୩ଟି ଗୋଲ କରି ଚାମ୍ପିଅନ ହୋଇଥିଲା। ଏଥିରେ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଅତିରିକ୍ତ ଉପ ଜିଲ୍ଲାପାଳ ସ୍ୟାମଳେନ୍ଦୁ ରାୟ, ତହସିଲଦାର ଦୀପକ ଦାସ, ବିଡ଼ିଓ ବନବିହାରୀ ଦିନ୍ଦା, ଅତିସ ବେହେରା, ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଏନଏସି ଅଧିକାରୀ ସନ୍ତୋଷ ନାୟକ, ସାଂସଦଙ୍କ ପ୍ରତିନିଧି ମନୋଜ ରଞ୍ଜନ ମଲ୍ଲିକ, ମନ୍ତ୍ରୀଙ୍କ ଏନଏସି ପ୍ରତିନିଧି କୈଳାସ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସରୋଜ ମହାପାତ୍ର, ଖେଳ ପ୍ରଶିକ୍ଷକ ସୁନିଲ ମିତ୍ର, ଅରବିନ୍ଦ ପତି, ରାମଚନ୍ଦ୍ର ମିଶ୍ର ଓ ପ୍ରମୋଦ ସୁତାରଙ୍କ ସମେତ ଜିଲ୍ଲା କ୍ରିକେଟ ଆସୋସିଏସନ୍ ସଭାପତି ଉପେନ୍ଦ୍ର ବାରିକ୍, ଜିଲ୍ଲା ଆଥଲେଟିକ ଆସୋସିଏସନର କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, ଚତୁର୍ଭୁଜ ନାୟକ ଅନ୍ୟମାନେ ଯୋଗଦେଇଥିଲେ। ଦୀର୍ଘ ସାତଦୀନ ବ୍ୟାପୀ ଚାଲିଥିବା ମ୍ୟାଚରେ ଆଇନଜୀବୀ ରଞ୍ଜିତ ମହାନ୍ତି ଓ ନାରାୟଣ ସାହାଣି ଆୟୋଜନ ଭାବେ କାର୍ଯ୍ୟ ତୁଲାଇଥିଲେ।

# ଯୁବରାଜଙ୍କ ସହ ହେଲେ ସମକକ୍ଷ ଅଭିଷେକ




**ନୂଆଦିଲ୍ଲୀ**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ବୁଧବାର କୋଲକାତାରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଭାରତୀୟ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ ଅଭିଷେକ ଶର୍ମା। ଚମତ୍କାର ପ୍ରଦର୍ଶନ କରି ଏକ ବଡ଼ ସଫଳତା ହାସଲ କରିଛନ୍ତି। ସେ ୨୩୨.୩୫ ଷ୍ଟ୍ରାଇକ ରେଟ୍‌ରେ ବ୍ୟାଟିଂ କରିଥିଲେ ଏବଂ ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଏହି ମ୍ୟାଚ୍‌ରେ ଅଭିଷେକ ଶର୍ମା ଏକ ବଡ଼ ସଫଳତା ହାସଲ କରିଛନ୍ତି। ସେ ଭାରତ ପାଇଁ ଅର୍ଦ୍ଧଶତକ ହାସଲ କରିବାରେ ମିଳିତ ଭାବରେ ତୃତୀୟ ଦ୍ରୁତତମ ବ୍ୟାଟ୍‌ସମ୍ୟାନ ହୋଇଥିଲେ। ସେ ମାତ୍ର ୨୦ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ସହିତ ସେ ତାଙ୍କ ଗୁରୁ ଯୁବରାଜ ସିଂହଙ୍କ ସମକକ୍ଷ ହୋଇଥିଲେ। ଏହି ପୂର୍ବତନ ଅଲରାଉଣ୍ଡର ୨୦୦୯ରେ ମୋହାଲିରେ ଶ୍ରୀଲଙ୍କା ବିପକ୍ଷରେ ସମାନ ସଂଖ୍ୟକ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ।

ଏହା ବ୍ୟତୀତ, ଅଭିଷେକ ଟି-୨୦ ଅନ୍ତର୍ଜାତୀୟରେ ଇଂଲଣ୍ଡ ବିପକ୍ଷରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାରେ ଦ୍ୱିତୀୟ ବ୍ୟାଟସମ୍ୟାନ ହୋଇଥିଲେ। ଏହି ମାମଲାରେ ଯୁବରାଜ ସିଂହଙ୍କ ନାମ ଶୀର୍ଷରେ ଅଛି। ସେ ୨୦୦୭ ମସିହାରେ ମାତ୍ର ୧୨ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ଅଭିଷେକ ଶର୍ମା ଇଂଲଣ୍ଡ ବିପକ୍ଷରେ ୨୦ ବଲ୍‌ରେ ଅର୍ଦ୍ଧଶତକ ମାରିଥିଲେ। ସେହିପରି କେଏଲ ରାହୁଲଙ୍କ ନାମ ତୃତୀୟ ସ୍ଥାନରେ ଅଛି, ଯିଏ ୨୦୧୮ରେ ଇଂଲଣ୍ଡ ବିପକ୍ଷରେ ୨୭ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ।

ଇଡେନ ଗାର୍ଡେନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟାର୍ଗେଟର ପିଛା କରୁଥିବା ଭାରତୀୟ ଦଳ ଏକ ଭଲ ଆରମ୍ଭ କରିଥିଲା। ସଞ୍ଜୁ ସାମସନ ଏବଂ ଅଭିଷେକ ଶର୍ମା ପ୍ରଥମ ଉଇକେଟ ପାଇଁ ୪୧ ରନ ଯୋଡ଼ିଥିଲେ। ସାମସନ ୨୦ ବଲ୍‌ରେ ୨୬ ରନ କରିବା ପରେ ପାଭିଲିୟନ ଫେରିଥିଲେ। ସେହି ସମୟରେ, ଅଭିଷେକ ଶର୍ମା ୩୪ ବଲରେ ୭୯ ରନର ଏକ ବିସ୍ଫୋରକ ଇନିଂସ ଖେଳି ପ୍ୟାଭିଲିୟନ ଫେରିଥିଲେ। ଏହି ସମୟ ମଧ୍ୟରେ ତାଙ୍କ ବ୍ୟାଟରୁ ପାଞ୍ଚଟି ଚୌକା ଏବଂ ଆଠଟି ଛକା ଆସିଥିଲା। ଭାରତ ମ୍ୟାଚକୁ ୭ ଉଇକେଟରେ ଜିତି ସିରିଜରେ ୧-୦ରେ ଆଗୁଆ ହୋଇଛି।

## ॥ ଭଲିବଲ ଟୁର୍ଣ୍ଣାମେଣ୍ଟ ॥

# ବ୍ରହ୍ମପୁରକୁ ହରାଇ ମୋହନା ଚାମ୍ପିଅନ



**ଦିଗପହଣ୍ଡି**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଖମାରି ଗାଁ ପଞ୍ଚାୟତ ଗୋଲାଣ୍ଡା ଗ୍ରାମ ବୃନ୍ଦାବନ ଚନ୍ଦ୍ର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସପ୍ତାହ ଧରି ଚାଲିଥିବା ଗୌରୀଶଙ୍କର ଓ ଚନ୍ଦନ ସ୍ମାରକୀ ଆନ୍ତଃଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗଜପତି ଜିଲ୍ଲା ମୋହନା ଗ୍ରାମର ସ୍ମାର୍ଟ ସିକ୍ସ ଭଲିବଲ ଟିମ୍ ୩-୦ ସେଟ ବ୍ୟବଧାନରେ ଗଞ୍ଜାମ ଜିଲା ବ୍ରହ୍ମପୁରର ପାଓ୍ୱାର ସିକ୍ସ ଟିମ୍‌କୁ ପରାସ୍ତ କରି ଚାମ୍ପିଅନ ହୋଇଛି।

ଫାଇନାଲ ମ୍ୟାଚ୍‌କୁ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବିବେଚିତ ଖେଳାଳିଙ୍କୁ ପାଇଁ ଏକ ସାଇକେଲ ଉପହାର ଦେବା ସହ ଅଭିଭାଷଣ ପ୍ରଦାନ କରିଥିଲେ।

ସେହିପରି ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, ଖମାରି ଗାଁ ପୂର୍ବତନ ସରପଞ୍ଚ ସନ୍ତୋଷ ପାତ୍ରଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଓ କ୍ରୀଡ଼ାବିତ୍ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶେଷରେ ଏନ୍‌ଏସି ଅଧ୍ୟକ୍ଷ ବିଜେତା ମୋହନା ଟିମ୍‌କୁ ୨୭,୭୭୭ ଟଙ୍କା ଏବଂ ଟୁର୍ଣ୍ଣାମେଣ୍ଟ କମିଟି ଆବାହକ ତଥା କ୍ଲବ ସଭାପତି ରଞ୍ଜନ କୁମାର ପାଣିଗ୍ରାହୀ ପରାଜିତ ବ୍ରହ୍ମପୁର ଟିମ୍‌କୁ ୨୧,୧୧୧ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।

ସେହିପରି କମିଟି ସମ୍ପାଦକ ଚିତ୍ରସେନ ଗୌଡ଼ ଶ୍ରେଷ୍ଠ ଖେଳାଳି ଭାବେ ମୋହନା ଟିମ୍‌ର ଉଜ୍ଜନଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ କମିଟି କୋଷାଧ୍ୟକ୍ଷ ପ୍ରଶାନ୍ତ ଗୌଡ, ଉପଦେଷ୍ଟା ଶିବାନନ୍ଦ ପାଣିଗ୍ରାହୀ, ଭୈରବ କର, ଦୁର୍ଗାପ୍ରସାଦ ଗୌଡ଼, ଜୟସନ ପାଣିଗ୍ରାହୀ, ସନ୍ତୋଷ ସାହୁ, ମିଳନ ପାଣିଗ୍ରାହୀ, ସୁନୀଲ ଗୌଡ଼, ଚନ୍ଦନ ପାତ୍ର, କାଳିଆ ଗୌଡ଼, ଲିପନ ପାଣିଗ୍ରାହୀ, କିରଣ ଗୌଡ଼, ଅମିତ ଗୌଡ଼, ଗୋବିନ୍ଦ ନାୟକ, ମଣ୍ଟୁ ଦାସ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ହଠାତ୍ ସନ୍ନ୍ୟାସ ନେଇ ଚମକାଇଲେ ଲିଆମ ଥମାସ

**ନୂଆଦିଲ୍ଲୀ**

ଗୋଟିଏ ପଟେ ଇଂଲଣ୍ଡ ଦଳ ଭାରତ ବିପକ୍ଷରେ ଟି-୨୦ ସିରିଜ ଖେଳୁଥିବା ବେଳେ ଜଣେ ଇଂଲଣ୍ଡ କ୍ରିକେଟର ଅବସର ଘୋଷଣା କରି ଚମକାଇଛନ୍ତି। ସେ ହେଲେ ଲିଆମ ଥମାସ। ଲିଆମ୍ ତାଙ୍କ ୧୪ ବର୍ଷର କ୍ୟାରିଅରରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ତେବେ ସେ ନିଜର ଅବସର ନେଇ ଘୋଷଣା କରିବା ପରେ, ଇଂଲଣ୍ଡ କ୍ରିକେଟ ବୋର୍ଡ ତାଙ୍କୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଛନ୍ତି। ଲିଆମ ଦିବ୍ୟାଙ୍ଗ ଟିମ୍‌ର ଜଣେ ବହୁତ ସ୍ୱତନ୍ତ୍ର ଖେଳାଳି ଥିଲେ, କାରଣ ତାଙ୍କର ଗୋଟିଏ ଗୋଡ଼ ନଥିବା ସତ୍ତ୍ୱେ ସେ ଚମତ୍କାର ଫିଲ୍ଡିଂ କରୁଥିଲେ।

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟି-୨୦ ମ୍ୟାଚ୍ ପୂର୍ବରୁ ଲିଆମ ତାଙ୍କର ଅବସର ଘୋଷଣା କରିଛନ୍ତି। ଇଂଲଣ୍ଡ କ୍ରିକେଟ ବୋର୍ଡ ଏହାର ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରୁ କ୍ରିକେଟରଙ୍କର ଏକ ଭିଡିଓ ଶେୟାର କରିଛି, ଯେଉଁଥିରେ ସେ ଚମତ୍କାର ଫିଲ୍ଡିଂ କରୁଥିବାର ଦେଖାଯାଉଛି। ଏକ ମ୍ୟାଚ ସମୟରେ, ପଡ଼ିଆରେ ଫିଲ୍ଡିଂ କରୁଥିବା ସମୟରେ ଥମାସଙ୍କ କୃତ୍ରିମ ଗୋଡ ଖସି ଯାଇଥିଲା। ଏହା ସତ୍ତ୍ୱେ, ସେ ଫିଲ୍ଡିଂ ଜାରି ରଖିଥିଲେ ଏବଂ ଗୋଟିଏ ଗୋଡରେ ଦୌଡ଼ିଥିଲେ। ଏହି ଦୁର୍ଘଟଣା ୨୦୧୬ ମସିହାରେ ଏକ ମ୍ୟାଚ୍



ସମୟରେ ପଡ଼ିଆରେ ଘଟିଥିଲା। ତା'ପରେ ଖେଳ ପ୍ରତି ଥମାସଙ୍କ ଉତ୍ସର୍ଗୀକୃତତାକୁ ବହୁତ ପ୍ରଶଂସା କରାଯାଇଥିଲା। ଲିଆମ ଜଣେ ଉଇକେଟକିପର ବ୍ୟାଟ୍ସମ୍ୟାନ ଥିଲେ। ସେ ବର୍ଷ ବର୍ଷ ଧରି ଇଂଲଣ୍ଡ ଦିବ୍ୟାଙ୍ଗ ଟିମ୍ ପାଇଁ ଖେଳୁଥିଲେ। ସେ ୨୦୧୩ ରୁ ୨୦୧୮ ପର୍ଯ୍ୟନ୍ତ ଏହି ଦଳର ଅଂଶ ଥିଲେ। ଏହା ବ୍ୟତୀତ ସେ ସ୍କଲ୍ସ କ୍ରିକେଟ୍ କ୍ଲବ ପାଇଁ ମଧ୍ୟ କ୍ରିକେଟ ଖେଳିଥିଲେ। ଥମାସ ଜଣେ ଉଇକେଟକିପର ବ୍ୟାଟସମ୍ୟାନ ଭାବରେ ଦଳର ପ୍ରତିନିଧିତ୍ୱ କରିଥିଲେ। ହେଲେ ଏବେ ତାଙ୍କୁ କ୍ରିକେଟ ପଡ଼ିଆରେ ଦେଖିବାକୁ ମିଳିବ ନାହିଁ। ତେବେ ଏହି ଖବର ସାମ୍ନାକୁ ଆସିବା ପରେ ଲିଆମଙ୍କ ପ୍ରଶଂସକ ନିରାଶ ହୋଇଛନ୍ତି।

# ସର୍ବ ଭାରତୀୟ ଲାଲ୍ ମନି କ୍ରିକେଟ : ଫାଇନାଲରେ ସୁନ୍ଦରଗଡ଼

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ସୋନପୁର ଗାନ୍ଧି ଷ୍ଟାଡ଼ିୟମ୍ ଠାରେ ଆୟୋଜିତ ୩୬ ତମ ସର୍ବ ଭାରତୀୟ ଲାଲ୍ ମନି କ୍ରିକ୍ ଫେଷ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ସୁନ୍ଦରଗଡ଼ ନବ ଜୀବନ କ୍ରିକେଟ କ୍ଲବ୍ ଓ ରକେଟ ମୁମ୍ବାଇ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ, ଟି-୨୦ ମ୍ୟାଚ୍‌ରେ ସୁନ୍ଦରଗଡ଼ ଦଳକୁ ହରାଇ ୭ ଓଭର ୭ ୱିକେଟରେ ବିଜୟୀ ହୋଇଥିବା ବେଳେ ଟି-୧୦ ଫର୍ମାଟ ମ୍ୟାଚ୍‌ରେ ମୁମ୍ବାଇ ଦଳ ୧୦ ଓଭରରେ ସୁନ୍ଦର୍‌ଗଡ଼ ଦଳକୁ ୮୯ ରନ୍ ଟାର୍ଗେଟ ଦେଇଥିଲା। କିନ୍ତୁ ସୁନ୍ଦରଗଡ଼ ଦଳ ଏହି ଟି-୧୦ ଫର୍ମାଟ ମ୍ୟାଚ୍‌ରେ ମଧ୍ୟ ମୁମ୍ବାଇ ଦଳକୁ ହରାଇ ୧ ଓଭର ଓ ୭ ୱିକେଟ୍‌ରେ ମ୍ୟାଚ୍ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ମ୍ୟାନ୍ ଅଫ ଦି ମ୍ୟାଚ ସୁନ୍ଦରଗଡ଼ ଦଳର ଖେଳାଳି ବ୍ରିଜେଶ ଶର୍ମାଙ୍କୁ ପୋଲିସ କନେଷ୍ଟବଲ ଆସୋସିଏସନ୍ ସଂଘ ସଭାପତି ଦିନେଶ ରଞ୍ଜନ ମିଶ୍ରଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଚ୍ୟୁତ ମିଶ୍ର ଓ ଟୁଟୁ ରାଓ ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଓସିଏର ପ୍ୟାନେଲ ଅମ୍ପାୟାର ସତ୍ୟ ପ୍ରାସାଦ ରଥ, ପୃଥ୍ୱୀରାଜ ମିଶ୍ର ଖେଳ ପରିଚାଳନା କରିଥିଲେ। ବିନୋଦ ପାତ୍ର, ଦିନେଶ ଘିବିଲା, ପାର୍ଥ ସାରଥି ଦାଶ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ।

# ଜାନୁଆରୀ ୨୯ ଓ ୩୦ରେ କେନ୍ଦୁଝର ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**କେନ୍ଦୁଝର, ନ୍ୟୁଜ୍**

ଜିଲ୍ଲା ପ୍ରଶାସନ, କେନ୍ଦୁଝର ଓ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ (ଓଏସଡିଏ) ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆସନ୍ତା ତା. ୨୯.୦୧.୨୦୨୫ ରିଖରେ ଯୋଡ଼ା, ଝୁମ୍ପୁରା, ବାଂଶପାଳ, ତେଲକୋଇ, ସାହର ପଡ଼ା, କେନ୍ଦୁଝର ସଦର, ଚମ୍ପୁଆ, ପାଟଣା ବ୍ଲକନିମନ୍ତେ ଏବଂ ତା ୩୦.୦୧.୨୦୨୫ ରିଖରେ ଆନନ୍ଦପୁର, ଘଷିପୁରା, ହାଟଡ଼ିହି, ହରିଚନ୍ଦନପୁର, ଘଟଗାଁ ବ୍ଲକ ନିମନ୍ତେ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ, ମାଇନିଂ ରୋଡ୍, କେନ୍ଦୁଝର ଠାରେ ଅନୁଷ୍ଠିତ ହେବାକୁ ଯାଉଛି। କେନ୍ଦୁଝର ଜିଲ୍ଲାର ନିଯୁକ୍ତି ଆଶାୟୀ ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନେ ନିଯୁକ୍ତି ମେଳାରେ ଭାଗ ନେଇ ପାରିବେ। ଏଥିରେ ରାଜ୍ୟ ଏବଂ ରାଜ୍ୟ ବାହାରର ଘରୋଇ ସଂସ୍ଥାମାନେ ଆସି ସେମାନଙ୍କ ସଂସ୍ଥାର ଆବଶ୍ୟକ ପଦପଦବୀ ପାଇଁ ପ୍ରାର୍ଥୀ ଓ ପ୍ରାର୍ଥିନୀ ଚୟନ କରିବେ। ଏହିମେଳାରେ ଯୋଗ ଦେବା ପାଇଁ ଶିକ୍ଷାଗତ ଯୋଗ୍ୟତା ୫ମରୁ ଉର୍ଦ୍ଧ୍ୱ ଦଶମ, +୨, +୩ ପାସ୍, ଆଇ.ଟି.ଆଇ, ଡିପ୍ଲୋମା, ଏ.ଏନ.ଏମ. ଓ ଜି.ଏନ.ଏମ୍ ଏବଂ ଅନ୍ୟ ଯେକୌଣସି ସୀକୃତିପ୍ରାପ୍ତ ଅନୁଷ୍ଠାନରୁ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ଆବଶ୍ୟକ, ବୟସ ସୀମା ୧୮ରୁ ୪୫ ମଧ୍ୟରେ ହୋଇଥିବା ଆବଶ୍ୟକ।

ଏଣୁ ଆଗ୍ରହୀ ଯୁବକ ଯୁବତୀମାନେ ନିଜ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାର କାର୍ଡ ସହିତ ଉକ୍ତ ମେଳାରେ ସକାଳ ୯ ଘଟିକାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଯୋଗ ଦେଇ ବେସରକାରୀ ସ୍ତରରେ ଥିବା ନିଯୁକ୍ତିର ସୁଯୋଗ ନେଇପାରିବେ। ଏନେଇ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦକ୍ଷତା ବିକାଶ ତଥାନିଯୋଜନ କାର୍ଯ୍ୟାଳୟ ତରଫରୁ ସମସ୍ତ ନିଯୁକ୍ତି ଆଶାୟୀ ପ୍ରାର୍ଥୀ ଓ ପ୍ରାର୍ଥନୀମାନଙ୍କୁ ସବିଶେଷ ସୂଚନା ପାଇଁ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ ସହିତ deokjr@gmail.com ଇମେଲ ଯୋଗେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି ।

# ସୋଆରେ କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚରକୁ ନେଇ ଜାତୀୟ କର୍ମଶାଳା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ 'ଆଡ୍‌ଭାନ୍‌ସେସ୍ ଆଣ୍ଡ ଆପ୍ଲିକେସନ୍ସ ଅଫ୍ କ୍ରପ୍ ମଡେଲ୍ସ ଫର୍ କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚର' ସମ୍ପର୍କିତ ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ସୋଆର ସେଣ୍ଟର ଫର୍ କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚର (ସିସିଏସ୍‌ଏ) ପକ୍ଷରୁ ଆୟୋଜିତ ଏହି ଏକ ଦିବସୀୟ କର୍ମଶାଳାରେ ଫସଲ ଉତ୍ପାଦନରେ ପରିବେଶର ପ୍ରଭାବ ସମ୍ପର୍କରେ ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ।

କୃଷକ ସମାଜ ପରିବର୍ତ୍ତିତ ପରିବେଶ ସହ ଖାପ ଖୁଆଇ ଫସଲ ଉତ୍ପାଦନ କଲେ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଉନ୍ନତି ଆସିବ ବୋଲି ସିସିଏସ୍‌ଏର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା କହିଛନ୍ତି। କୃଷି କ୍ଷେତ୍ରରେ ତଥା ବୈଜ୍ଞାନିକ ପଦ୍ଧତିରେ ଆସିଥିବା ବୈପ୍ଳବିକ ପରିବର୍ତ୍ତନ ପରିପ୍ରେକ୍ଷୀରେ କ୍ଲାଇମେଟ ଡାଟା, ରିମୋଟ ସେନ୍‌ସିଂ, ଆରଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଓ ମେସିନ୍ ଲର୍ଣ୍ଣିଂ, ଜେନୋମିକ୍ସ ଏବଂ ସଏଲ୍ ହେଲ୍‌ଥ ମଡେଲିଂ ଭଳି ପ୍ରକ୍ରିୟାକୁ ବ୍ୟବହାର କରି କୃଷକମାନେ ଲାଭବାନ ହୋଇପାରିବେ ବୋଲି ସେ କହିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୟୁଏସ୍‌ଏ ସ୍ଥିତ ୟୁନିଭର୍ସିଟି ଅଫ୍ ନେବ୍ରାସ୍କା -ଲିଙ୍କନ୍‌ର ନେବ୍ରାସ୍କା ୱାଟର ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଚିତ୍ତରଞ୍ଜନ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୋଆ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟ, ଭୁବନେଶ୍ୱର, ଆଇଆଇଟି, ଭୁବନେଶ୍ୱର, ସେଣ୍ଟ୍ରାଲ୍ ରାଇସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, କଟକ ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସଏଲ୍ ଆଣ୍ଡ ୱାଟର କନ୍‌ଜରଭେସନ, କୋରାପୁଟର ପ୍ରାୟ ୧୦୦ ଜଣ ପ୍ରତିନିଧି ଏହି କର୍ମଶାଳାରେ ଯୋଗ ଦେଇଥିଲେ।

ପ୍ରଫେସର ରାୟ ବର୍ତ୍ତମାନ ପରିସ୍ଥିତିରେ ଯୁକ୍ତରାଷ୍ଟ୍ର ଆମେରିକାର କୃଷି ବିଭାଗ ସହ ସହଭାଗିତାରେ ଜାରି ରହିଥିବା ଗବେଷଣା କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏଥି ସହିତ ୟୁଏସ୍‌ଏ ଏବଂ ଅନ୍ୟାନ୍ୟ ଦେଶ ଗୁଡ଼ିକରେ କୃଷି ଓ ପରିବେଶ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟ, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ଅର୍ଜାମଦତ ଷଡ଼ଙ୍ଗୀ 'କ୍ରପ୍ ମଡେଲିଂ- ଏ ଟୁଲ୍ ଆଣ୍ଡ ଆପ୍ରୋଚ୍ ଫର୍ କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚର' ଶୀର୍ଷକ ତଥ୍ୟ ଉପସ୍ଥାପନ କରିଥିଲେ।

ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଡିଷ୍ଟିଙ୍ଗୁଇସ୍‌ଡ ପ୍ରଫେସର ସୋଆ, ପ୍ରଫେସର ଉମାଚରଣ ମହାନ୍ତି, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସଏଲ୍ ଆଣ୍ଡ ୱାଟର କନ୍‌ଜରଭେସନ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ଡେରାଡୁନ୍‌ର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ପି.କେ. ମିଶ୍ର, ଓୟୁଏଟି ଡ୍ରାଏଲ୍ୟାଣ୍ଡ ରିସର୍ଚ୍ଚ ଷ୍ଟେସନ୍, ଫୁଲବାଣୀର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୁବ୍ରତ୍ କୁମାର ବେହେରା ଓ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏହି କର୍ମଶାଳାରେ ସାମିଲ ହୋଇଥିଲେ। ଡକ୍ଟର ଅଂଶୁମାନ ଜେନା ଏବଂ ଡକ୍ଟର ଶୁଭପ୍ରଦ ଦାସ କର୍ମଶାଳାର ସଂଯୋଜକ ଥିଲେ। କର୍ମଶାଳାରେ ଅନେକ ସଂଖ୍ୟକ ସିନିୟର ପ୍ରଫେସର ଏବଂ ଆଇଏଏସ୍‌ର ବିଭିନ୍ନ ବିଭାଗୀୟ ମୁଖ୍ୟମାନେ ଯୋଗ ଦେଇଥିଲେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଜାନୁଆରୀ ୨୦୨୫ ଶୁକ୍ରବାର





## ବିଶ୍ୱ ଶାନ୍ତି ଚ଼ଣ୍ଡୀ ମହାଯଜ୍ଞରେ ଯୋଗ ଦେଲେ ପୃଥ୍ୱୀରାଜ ହରିଚନ୍ଦନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱ ଶାନ୍ତି ଚ଼ଣ୍ଡୀ ମହାଯଜ୍ଞରେ ଯୋଗ ଦେଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏନେଇ ପୃଥ୍ୱୀରାଜ ହରିଚନ୍ଦନ ଏକ୍ସ ହ୍ୟାଣ୍ଡେଲରେ କହିଛନ୍ତି ଯେ, ବାଣପୁର ବ୍ଲକ ଅନ୍ତର୍ଗତ କୁଲେଇ ଗ୍ରାମ ପଂଚାୟତ ସ୍ଥିତ ମାନସିଂହପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଢ଼େଙ୍ଗେଇଶୁଣୀ ଦେବୀଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ବିଶ୍ୱ ଶାନ୍ତି ଚ଼ଣ୍ଡୀ ମହାଯଜ୍ଞରେ ଯୋଗ ଦେଇ ମା' ଙ୍କ କୃପା ଲାଭ କରିବା ସହ ମା'ଙ୍କ ନିକଟରେ ସମସ୍ତଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ମଙ୍ଗଳ କାମନା କଲି। ଏହି ଅବସରରେ ପୁରୀ ଲୋକସଭା କ୍ଷେତ୍ରର ସାଂସଦ ସମ୍ବିତ ପାତ୍ର ,କୁଲେଇ ଗ୍ରାମ ପଂଚାୟତର ସରପଂଚଙ୍କ ପ୍ରତିନିଧି ଶ୍ରୀ ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ଅଜିତ ନାଟ୍ୟାନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ମହୋତ୍ସବରେ ସମ୍ମାନିତ ହେବା ଅବସରରେ ବରିଷ୍ଠ ସାମ୍ବାଦିକ ମାଧବ ବେହୁରା। ନିକଟରେ ଅଛନ୍ତି ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମାର (ବାଙ୍ଗାଲୋର) ନିର୍ଦ୍ଦେଶିକା ବୀଣା ଶର୍ମା, ବିଶିଷ୍ଟ ମଞ୍ଚ ବିଶାରଦ ଇ. ପ୍ରସନ୍ନ, ପ୍ରଫେସର ସତ୍ୟବ୍ରତ ରାଉତ ଏବଂ ଅଜିତ୍ ନାଟ୍ୟ ସଂସ୍ଥାର ଅଧକ୍ଷା ଡକ୍ଟର ମାୟା ଦାସ ଓ ନାଟ୍ୟ ଚେତନାର ମୁଖ୍ୟ ସୁବୋଧ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

## 'ନାଲି ଆଖି ଦେଖାଇଲେ ଚଳିବ ନାହିଁ, ବିରୋଧୀଙ୍କ ସ୍ୱର ଚାପିବାକୁ ଉଦ୍ୟମ ହେଉଛି' : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଚସ୍ପତିଙ୍କ ତାଗିଦ୍ ପରେ ମୁହଁ ଖୋଲିଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେ କହିଛନ୍ତି ଯେ, ଗଣତନ୍ତ୍ରରେ ବିରୋଧୀଙ୍କ ସ୍ୱର ଚପେଇବା ପାଇଁ ବାଚସ୍ପତି ଉଦ୍ୟମ କରୁଛନ୍ତି । ବିରୋଧୀଙ୍କୁ ନାଲି ଆଖି ଦେଖାଇଲେ ଚଳିବ ନାହିଁ। ଏଥିରେ ବିରୋଧୀଙ୍କ ସ୍ୱର ବନ୍ଦ ହେବ ନାହିଁ। ବରଂ ଦୋଷ ତ୍ରୁଟିକୁ ଉପସ୍ଥାପନା କରାଯିବ। ମୁଁ ବାଚସ୍ପତି ଥିବା ବେଳେ ସେ କିଭଳି ବ୍ୟବହାର କରିଥିଲେ ତାହା ସାରା ଓଡ଼ିଶା ଦେଖିଥିଲା। ଆମେ ସେପର୍ଯ୍ୟନ୍ତ ଯାଇନୁ, ବାଧ କଲେ ସେପର୍ଯ୍ୟନ୍ତ ଯିବୁ। ସୂଚନା ଥାଉକି, ଆସନ୍ତା ଫେବୃଆରୀ



୧୩ରୁ ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆରମ୍ଭ ହେବ। ଏହାକୁ ନେଇ ବାଚସ୍ପତି ସୁରମା ପାଢୀ ବିରୋଧୀଙ୍କୁ ଚେତାବନୀ ଦେଇଥିଲେ। ସେ କହିଥିଲେ ଯେ, ଚଳିତ ବିଧାନସଭାରେ ବିରୋଧୀଙ୍କ ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି। ଅଧିବେଶନରେ ବିରୋଧୀ ଗଠନମୂଳକ ପରାମର୍ଶ ଦେଲେ ଉପାଦେୟ ହେବ। କିନ୍ତୁ ବିଶୃଙ୍ଖଳା ଆଚରଣ କଲେ ବରଦାସ୍ତ କରାଯିବନି। ବିରୋଧୀ ଦଳ ବିରୋଧୀ ଭୂମିକା ନିଭାନ୍ତୁ। ଗଠନମୂଳକ ପରାମର୍ଶ ଦିଅନ୍ତୁ। ସମୟ ଅଛି ସର୍ବଦଳୀୟ ବୈଠକ ଡକାଯିବ। ତାରିଖ ସ୍ଥିର ହୋଇନି ବୋଲି କହିଛନ୍ତି ବାଚସ୍ପତି।

## ମୁଖ୍ୟମନ୍ତ୍ରୀଙ୍କ ରିଭ୍ୟୁ ପରେ ଆଗେଇବ ମେଟ୍ରୋ କାମ :ବଢ଼ିବ ଭୁବନେଶ୍ୱରର କଳେବର



ନୂଆ ଭୁବନେଶ୍ୱର ପାଇଁ ସିଙ୍ଗାପୁର ସହ ଏମ୍ଓୟୁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବଢ଼ିବ ରାଜଧାନୀ ଭୁବନେଶ୍ୱରର କଳେବର । ସହର ବଢ଼ିବା ସହ ବଢ଼ିବ ସୁବିଧା ସୁଯୋଗ । ତିଆରି ହେବ ନୂଆ ଭୁବନେଶ୍ୱର । ଏଥିପାଇଁ ନୂଆ ମଡେଲ ତିଆରି କରାଯିବ । କେବଳ ଭୁବନେଶ୍ୱର ନୁହେଁ ରାଜ୍ୟରେ ଥିବା ସମସ୍ତ ମହାନଗର ନିଗମର ସମ୍ପ୍ରସାରଣ କରାଯିବ। ଏନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ନିକଟରେ ସିଙ୍ଗାପୁର ରାଷ୍ଟ୍ରପତି ଆସିଥିବା ବେଳେ ଓଡ଼ିଶା ସରକାରଙ୍କ ସହ ଏମ୍ଓୟୁ ହୋଇଛି । ଭୁବନେଶ୍ୱର ସହ ରାଜ୍ୟର ଅନ୍ୟ ମହାନଗର ନିଗମର ସମ୍ପ୍ରସାରଣ କରାଯିବ । ଏହାଦ୍ୱାରା ଟ୍ରାଫିକ୍ ସମସ୍ୟା ହ୍ରାସ ହେବା ସହ ଘର ଦର ମଧ କମିବ ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ । ସହରର ଆକାର ବଢ଼ିଲେ ଲୋକଙ୍କୁ ଅଧିକରୁ ଅଧିକ ସୁବିଧା ସୁଯୋଗ ମିଳିବ । ଲୋକଙ୍କ ବଞ୍ଚିବାର ଶୈଳୀ ମଧ ବଦଳିବ ବୋଲି କହିଛନ୍ତି ମନ୍ତ୍ରୀ । ଟ୍ରାଫିକ୍ ସମସ୍ୟାରୁ ମୁକ୍ତି ମିଳିବା ସହ ସହର ବଢ଼ିଲେ ଲୋକ ସବୁ ଜିନିଷ କମ୍ ଦାମରେ ପାଇବେ । ଏ ସୁବିଧା ନୂଆ ସରକାର କରିବାକୁ ଯାଉଥିବା ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି । ଏଥିସହ ମେଟ୍ରୋ କାମ ଉପରେ ପ୍ରତିକ୍ରିୟା ରଖିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବେ । ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ପରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବେ, ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ। ମେଟ୍ରୋ ଟ୍ରେନ୍ କାମ ଆଗେଇ ଚାଲିବ ।

## ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ପକ୍ଷରୁ 'ଫ୍ଲାଗ ଫାଉଣ୍ଡେସନ ଡେ' ପାଳିତ

## 'ସବୁ ଘରେ ତ୍ରିରଙ୍ଗା : ସବୁଦିନ ତ୍ରିରଙ୍ଗା'



**ଯୋଡ଼ା, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପକ୍ଷରୁ 'ଫ୍ଲାଗ ଫାଉଣ୍ଡେସନ ଡେ' ବଡ଼ବିଲ, କାଶିଆ ଓ ଟେନ୍ସା ୟୁନିଟରେ ବଡ଼ ଉତ୍ସାହର ସହ ପାଳିତ ହୋଇଯାଇଛି । ସର୍ବସାଧାରଣଙ୍କୁ ସମ୍ମାନର ସହ ମୁକ୍ତ ଭାବେ ଜାତୀୟ ପତାକା ଉଡ଼ାଇବାର ଅଧିକାର ଦେବା ପାଇଁ ଜେଏସପିର ଅଧକ୍ଷ ତଥା ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଭାପତି ଶ୍ରୀ ନବୀନ ଜିନ୍ଦଲଙ୍କ ଦ୍ୱାରା ଚାଲିଥିବା ଦଶନ୍ଧିର ନ୍ୟାୟିକ ସଂଗ୍ରାମକୁ ସମ୍ମାନ ଦେବା ଉପଲକ୍ଷେ ଏହି 'ଫ୍ଲାଗ ଫାଉଣ୍ଡେସନ ଡେ' ପାଳିତ ହୋଇଆସୁଛି । ବଡ଼ବିଲ ପେଲେଟ ପ୍ଲାଣ୍ଟ ପରିସରରେ ୟୁନିଟ ହେଡ୍ ଶ୍ରୀ ପୁରୁଷୋତ୍ତମ ଏମଡି. ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି କାଶିଆ ଓ ଟେନ୍ସା ମାଇନ୍ସ ପରିସରରେ ୟୁନିଟ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଓ ଅଧିକାରୀ ସାମିଲ ହୋଇଥିଲେ। ଜାନୁଆରୀ ୨୩ ଏକ ବିରାଟ ଐତିହାସିକ ମୂହୁର୍ତ୍ତକୁ ସ୍ମରଣ କରାଏ; କାରଣ ୨୦୦୪ ମସିହା, ଏହି ଦିନରେ ଶ୍ରୀ ଜିନ୍ଦଲଙ୍କ ଦଶନ୍ଧିର ନ୍ୟାୟିକ ସଂଗ୍ରାମରେ ସୁପ୍ରିମକୋର୍ଟରେ ବିଜୟ ମିଳିଥିଲା। ଏହି ଐତିହାସିକ ରାୟ ସର୍ବସାଧାରଣଙ୍କ ମୁକ୍ତ ଓ ସମ୍ମାନର ସହ ଜାତୀୟ ପତାକା ଉଡ଼ାଇବାର ଅଧିକାରକୁ ସାବ୍ୟସ୍ତ କରିଥିଲା। ଏହି ରାୟ ଦ୍ୱାରା ତ୍ରିରଙ୍ଗାକୁ ଏକତା, ଗୌରବ ଓ ଦେଶ ପ୍ରତି ନିଷ୍ଠାର ପ୍ରତୀକ ଭାବେ ସ୍ୱୀକୃତି ମିଳିଥିଲା। ଶ୍ରୀ ନବୀନ ଜିନ୍ଦଲ ଓ ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ଦ୍ୱାରା ପ୍ରତିଷ୍ଠିତ ଫ୍ଲାଗ୍ ଫାଉଣ୍ଡସନ ଅଫ୍ ଇଣ୍ଡିଆ ଜାତୀୟ ପତାକାର ଗୌରବର ପ୍ରସାର ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ବିଭିନ୍ନ ସମୟରେ ଆଲୋଚନାଚକ୍ରର ଆୟୋଜନ, ପୁସ୍ତକ ପ୍ରକାଶନ, ତ୍ରିରଙ୍ଗା ଦୌଡ଼ ଓ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ଦ୍ୱାରା ଜାତୀୟ ପତାକା ପ୍ରତି ନାଗରିକଙ୍କ ସମ୍ମାନ ବୃଦ୍ଧି ପାଇଁ ଫାଉଣ୍ଡେସନ କାର୍ଯ୍ୟ କରିଆସୁଛି। ଦେଶ ବ୍ୟାପୀ ୧୬୩ ଓ ଓଡ଼ିଶାରେ ୮ଟି ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ହୋଇସାରିଥିବା ବେଳେ ଫାଉଣ୍ଡେସନ ପକ୍ଷରୁ ଏହି ଅଭିଯାନ ଜାରି ରହିଛି। ଫ୍ଲାଗ ଫାଉଣ୍ଡେସନ ଡେ ଅବସରରେ ଶ୍ରୀ ଜିନ୍ଦଲ ସବୁ ଘରେ ତ୍ରିରଙ୍ଗା, ସବୁ ଦିନ ତ୍ରିରଙ୍ଗା ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହା ସହିତ ଦେଶଗଠନ ପ୍ରତି ସାମଗ୍ରିକ ନିଷ୍ଠାକୁ ତ୍ରିରଙ୍ଗା ପ୍ରେରିତ କରୁ ବୋଲି ସେ କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ତ୍ରିରଙ୍ଗାର ମୂଲ୍ୟବୋଧକୁ ସମ୍ମାନ ଦେବା ପାଇଁ ଶପଥ ନେଇଥିଲେ। ଏହି ଅବସରରେ ଅନଲାଇନ ଦସ୍ତଖତ ଓ କ୍ୱିଜ୍ ମଧ ଅନୁଷ୍ଠିତ ହୋଇଥିଲା।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶାର ଜାମଖାନି କୋଇଲା ଖଣିରେ ଅତ୍ୟାଧୁନିକ କାର୍ଯ୍ୟକ୍ଷମ ଡାସବୋର୍ଡର ଶୁଭାରମ୍ଭ


**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମଖାନି କୋଇଲା ଖଣିରେ ଏକ ଅତ୍ୟାଧୁନିକ କାର୍ଯ୍ୟକ୍ଷମ ଡାସବୋର୍ଡର ଶୁଭାରମ୍ଭ କରିଛି । ଏହି ଅତ୍ୟାଧୁନିକ ଡିଜିଟାଲ ପ୍ଲାଟଫର୍ମ ରିଅଲ-ଟାଇମ୍ ଡାଟାକୁ ସମନ୍ୱିତ କରେ, କାର୍ଯ୍ୟଦକ୍ଷତା ମେଟ୍ରିକ୍ସକୁ ଅପ୍ଟିମାଇଜ୍ କରେ ଏବଂ ନିୟମିତ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରେ । ଏକ ଉତ୍ସର୍ଗୀକୃତ ଟିମ୍ ଦ୍ୱାରା ବିକଶିତ ଏହି ଡାସବୋର୍ଡ ସେମାନଙ୍କର ମୌଳିକ ସ୍ତରରେ ଖଣି କାର୍ଯ୍ୟକୁ ଟ୍ରାକ୍ କରିବା ପାଇଁ ପ୍ରଥମ ନୀତି ପଦ୍ଧତିର ଉପଯୋଗ କରେ । ଏହା ଟାଇମ୍-ଇନ୍-ୟୁଜ୍ ମଡେଲ୍ (ଟିୟୁଏମ୍) ମାଧ୍ୟମରେ କାର୍ଯ୍ୟକ୍ଷମ ଉତ୍କର୍ଷତା ହାସଲ କରିବା ପାଇଁ କାର୍ଯ୍ୟକ୍ଷମ ଦୃଷ୍ଟିକୋଣ ପ୍ରଦାନ କରେ, ଯାହା ଯୋଜନାବଦ୍ଧ ଏବଂ ବାସ୍ତବ ବ୍ୟୟ ହ୍ରାସ ହାର, କୋଇଲାର ସଠିକ ଆକଳନ, ବ୍ୟାପକ ଯନ୍ତ୍ରପାତି ବ୍ୟବହାର, ପ୍ରେରଣ ଏବଂ ମହଜୁଦ ଗୁଣବତ୍ତା ବିଶ୍ଳେଷଣକୁ ମାପିଥାଏ । ଜାମଖାନି କୋଇଲା ଖଣି ହେଉଛି ବେଦାନ୍ତର ପ୍ରଥମ ଗ୍ରୀନଫିଲ୍ଡ କୋଇଲା ଖଣି ଏବଂ ଓଡ଼ିଶାର ପ୍ରଥମ ଘରୋଇ ଗ୍ରୀନଫିଲ୍ଡ ଖଣି । ଏହି ଖଣି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି ଏବଂ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲଟର ବେଦାନ୍ତର ଝାରସୁଗୁଡ଼ା କାରଖାନାର କୋଇଲା ଆବଶ୍ୟକତା ପୂରଣ କରୁଛି। ବେଦାନ୍ତ ଆଲୁମିନିୟମର ଅଭିବୃଦ୍ଧିରେ ନବସୃଜନର ଭୂମିକା ଉପରେ ଗୁରୁତ୍ୱାରୋପ କରି ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି "ଆମର ଜାମଖାନି କୋଇଲା ଖଣିରେ କାର୍ଯ୍ୟକ୍ଷମ ଡାସବୋର୍ଡ ଡିଜିଟାଲାଇଜେସନ୍ ଦିଗରେ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ପ୍ରତିନିଧିତ୍ୱ କରୁଛି । ଏହା ଆମ ଟିମ୍ କାର୍ଯ୍ୟକୁ ଅନୁକୂଳ କରିବାକୁ ସଶକ୍ତ କରେ ଏବଂ ନିରନ୍ତର ଉନ୍ନତିର ସଂସ୍କୃତିକୁ ପ୍ରୋତ୍ସାହିତ କରେ, ଯାହା ଦ୍ୱାରା ପରିଚାଳନା ଦକ୍ଷତା ବୃଦ୍ଧି ପାଇଥାଏ। ବେଦାନ୍ତ ଆଲୁମିନିୟମର କୋଇଲା ଖଣିର ସିଇଓ ଡେଭିଡ ଷ୍ଟୋନ କହିଛନ୍ତି, "ଜାମଖାନି କୋଇଲା ଖଣିରେ କାର୍ଯ୍ୟକ୍ଷମ ଡାସବୋର୍ଡକୁ ବିକଶିତ କରାଯାଇଛି ଏବଂ ଏହା ବେଦାନ୍ତର ଆମର ମୂଲ୍ୟ ଶୃଙ୍ଖଳାରେ ଡିଜିଟାଲ ଉପକରଣଗୁଡ଼ିକୁ ସମନ୍ୱିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ ଥିଲା । ଭବିଷ୍ୟତର ଅଗ୍ରଗତି, ଯେପରିକି ଏସଏପି ଏକୀକରଣ ଏବଂ ଫ୍ଲିଟ୍ ମ୍ୟାନେଜମେଣ୍ଟ ପରିଚାଳନାର ସଠିକତା ଏବଂ ସ୍ଥାୟୀତାକୁ ଆହୁରି ଉନ୍ନତ କରିବ। ବେଦାନ୍ତର କୋଇଲା ଖଣି ବ୍ୟବସାୟ ଉନ୍ନତ ଜ୍ଞାନକୌଶଳକୁ କେନ୍ଦ୍ର କରି ଡିଜିଟାଲ-ପ୍ରଥମ ଆଭିମୁଖ୍ୟ ମାଧ୍ୟମରେ ଏହାର ଡିଜିଟାଲ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଏହି ବ୍ୟବସାୟ ପ୍ରକ୍ରିୟାଗୁଡ଼ିକୁ ସୁବ୍ୟବସ୍ଥିତ କରିବା, ସହଯୋଗ ବୃଦ୍ଧି କରିବା ଏବଂ ଶିକ୍ଷଣ ଏବଂ ଉଦ୍ଭାବନ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ଅଭିନବ ଡିଜିଟାଲ୍ ପଦକ୍ଷେପ କାର୍ଯ୍ୟକାରୀ କରିଛି। ଡ୍ରୋନ୍ ବ୍ୟବହାର କରି ବ୍ଲାଷ୍ଟିଂ ଜୋନ୍ କ୍ଲିୟରାନ୍ସ: ବ୍ଲାଷ୍ଟିଂ ଅପରେସନ୍ ସମୟରେ କର୍ମଚାରୀ, ଯନ୍ତ୍ରପାତି ଏବଂ ପଶୁସମ୍ପଦର ନିରାପତ୍ତା ସୁନିଶ୍ଚିତ କରି ବ୍ୟାପକ ଅଞ୍ଚଳକୁ ବ୍ୟାପ୍ତ କରିବା ଏବଂ ବିପଦଜନକ ସ୍ଥାନ ଠାରୁ ଦୁରେଇ ରଖିବ । ଗ୍ଲୋକାମ, ଯାନ ବୁକିଂ ଆପ୍: ପ୍ରଶାସନିକ ଯାନଗୁଡିକର ଦୈନନ୍ଦିନ ବ୍ୟବହାରକୁ ବୁକିଂ, ଟ୍ରାକିଂ ଏବଂ ତଦାରଖ କରିବା ପାଇଁ ଏକ ଜିପିଏସ୍-ସକ୍ଷମ ଆପ୍-ଆଧାରିତ ବ୍ୟବସ୍ଥା। ଏହା ଯାନବାହନ ବୁକିଂ ଏବଂ ପ୍ରଶାସନିକ ଅନୁମୋଦନକୁ ସୁବ୍ୟବସ୍ଥିତ କରିଥାଏ, ପରିଚାଳନା ଦକ୍ଷତା ବୃଦ୍ଧି କରିଥାଏ । ଦୁର୍ଘଟଣା ଏଡ଼ାଇବା ବ୍ୟବସ୍ଥା: ଅନ୍ୟ ଗାଡି ନିକଟରେ ଥିବା ସମୟରେ ଚାଳକମାନଙ୍କୁ ସତର୍କ କରାଇ ପରିଚାଳନାଗତ ନିରାପତ୍ତା ବଢ଼ାଇଥାଏ, ଯାହା ଦୁର୍ଘଟଣାକୁ ରୋକିବାରେ ସାହାଯ୍ୟ କରିଥାଏ । ଫ୍ଲିଟ୍ ମ୍ୟାନେଜମେଣ୍ଟ ସିଷ୍ଟମ: ଖଣିରୁ ଷ୍ଟକୟାର୍ଡ ପର୍ଯ୍ୟନ୍ତ କୋଇଲା ପରିବହନ ଟ୍ରାକିଂ ପାଇଁ ଜିପିଏସ୍ ଏବଂ ଜିଓଫେନସିଂ ଟେକ୍ନୋଲୋଜିର ଉପଯୋଗ କରି ଟ୍ରିପ୍ ଗଣନାରେ ମାନୁଆଲ୍ ତ୍ରୁଟି ଦୂର କରେ, ସଠିକ୍ କୋଇଲା ଟ୍ରିପ୍ ହିସାବ ସୁନିଶ୍ଚିତ କରେ। କଣ୍ଟ୍ରାକ୍ଟ ମ୍ୟାନପାୱାର ମ୍ୟାନେଜମେଣ୍ଟ ସିଷ୍ଟମ (ସିଏମଏମଏସ): ବାୟୋମେଟ୍ରିକ୍ ସିଷ୍ଟମ ମାଧ୍ୟମରେ ଉପସ୍ଥାନକୁ ନିରବଚ୍ଛିନ୍ନ ଭାବରେ ଟ୍ରାକିଂ କରି ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଉପସ୍ଥିତି ଏବଂ ଗେଟ୍ ପ୍ରବେଶକୁ ସରଳ କରିଥାଏ ।

## ଭିନ୍ନକ୍ଷମଙ୍କ ପାଇଁ ହ୍ୱିଲ୍ ଚେୟାର ବ୍ୟବସ୍ଥାକୁ ନେଇ ହାଇକୋର୍ଟଙ୍କ ଶ୍ରୀମନ୍ଦିର ପ୍ରଶାସକଙ୍କୁ ଜବାବ ଦାଖଲ ନୋଟିସ୍

**କଟକ, ନ୍ୟୁଜ ବ୍ୟୁରୋ**

ସର୍ବୋଚ୍ଚ ନ୍ୟାୟାଳୟ ୫ବର୍ଷ ପୂର୍ବେ ଶ୍ରୀମନ୍ଦିରରେ ଭିନ୍ନକ୍ଷମଙ୍କ ପାଇଁ ହ୍ୱିଲ୍ ଚେୟାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ହୋଇପାରିଲାନି। ଏହାକୁ ନେଇ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ଶ୍ରୀମନ୍ଦିର ପ୍ରଶାସକଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି। ଆଇନଜୀବୀ ମୃଣାଳିନୀ ପାଢ଼ୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଏବଂ ବିଚାରପତି ମୃଗାଙ୍କ ଶେଖର ସାହୁଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୧୨କୁ ଧାର୍ଯ୍ୟ କରିଛନ୍ତି। ଶ୍ରୀମନ୍ଦିରକୁ ଭିନ୍ନକ୍ଷମଙ୍କ ଯାତାୟାତରେ ସମସ୍ୟା ରହି ଆସୁଥିବାରୁ ଏନେଇ ସୁପ୍ରିମ୍ କୋର୍ଟରେ ଆବେଦନକାରିଣୀ ଏକ




ମାମଲା ଦାୟର କରିଥିଲେ। ସୁପ୍ରିମ୍‌କୋର୍ଟ ୨୦୧୯ ନଭେମ୍ବର ୪ରେ ଶ୍ରୀମନ୍ଦିରରେ ଭିନ୍ନକ୍ଷମଙ୍କ ପାଇଁ ହୁଇଲ୍ ଚେୟାର ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମାକୁ ୫ବର୍ଷ ବିତିଯାଇଥିଲେ ମଧ ଭିନ୍ନକ୍ଷମଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ ବୋଲି ଆବେଦନକାରିଣୀ ମୃଣାଳିନୀ ପାଢ଼ୀ ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଦାଲତ ମାମଲାକୁ ବିଚାର ପାଇଁ ଗ୍ରହଣ କରି ଶ୍ରୀମନ୍ଦିର ପ୍ରଶାସନକୁ ନୋଟିସ ଜାରି କରିଛନ୍ତି। ଆବେଦନକାରିଣୀ ମୃଣାଳିନୀ ପାଢ଼ୀ ନିଜେ ମାମଲା ପରିଚାଳନା କରୁଛନ୍ତି। ସେହିପରି ନେତାଜୀଙ୍କ ମୃତ୍ୟୁ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଛି। ମାମଲାକୁ ଗ୍ରହଣ କରି ପ୍ରତିପକ୍ଷଙ୍କୁ ନୋଟିସ କଲେ ହାଇକୋର୍ଟ। ମନୋଜ ମୁଖାର୍ଜୀ କମିଶନଙ୍କ ରିପୋର୍ଟ ସରକାରୀସ୍ତରରେ ଗ୍ରହଣୀୟ ହେଉ । ଏହି କମିଶନ ରିପୋର୍ଟ ଦେଇଥିଲେ, ପ୍ଲେନ୍ କ୍ରାଶରେ ନେତାଜୀଙ୍କ ମୃତ୍ୟୁ ହୋଇନାହିଁ। ୨୩ଜାନୁଆରୀକୁ ଜାତୀୟ ଦିବସ ଭାବେ ଘୋଷଣା କରିବା ଲାଗି ହୋଇଛି ଆବେଦନ । ନେତାଜୀଙ୍କୁ ଜାତୀୟ ପୁତ୍ର ଭାବେ ସରକାରୀ ସ୍ତରରେ ଘୋଷଣା କରାଯାଉ । ନେତାଜୀଙ୍କ କଟକ ଜନ୍ମସ୍ଥାନକୁ ଜାତୀୟ ସଂଗ୍ରହାଳୟ ଘୋଷଣା କରାଯାଉ । ଆବେଦନକାରୀ ଏହି ସବୁ ନିଜ ଆବେଦନରେ ଦର୍ଶାଇଛନ୍ତି । ଫେବୃଆରୀ ୧୨ରେ ପରବର୍ତ୍ତୀ ଶୁଣାଣି ରହିଛି । ପିନାକପାଣି ମହାନ୍ତିଙ୍କ ତରଫରୁ ଦାୟର ହୋଇଛି ମାମଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନେତାଜୀଙ୍କ ସଶସ୍ତ୍ର ...

ସେ ଜଣେ ମେଧାବୀ ଛାତ୍ର ଥିଲେ । କଟକରୁ ହିଁ ନେତାଜୀ ସୁଭାଷଙ୍କ ହୃଦୟରେ ଇଂରେଜ ମାନଙ୍କ ବିରୋଧରେ ବିଦ୍ରୋହର ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଲେ ଯେ, ନେତାଜୀ ଆମ ଇତିହାସ ପୃଷ୍ଠାର ଏଭଳି ଜଣେ ନାୟକ ଥିଲେ ଯାହାଙ୍କ ଜୀବନୀ ଓ ସଂଘର୍ଷର କାହାଣୀ ପଢିଲେ ଦେହରେ ରୋମାଞ୍ଚ ଭରିଉଠିବା ସହିତ ଆଖିରେ ଦୁଇ ଠୋପା ଲୁହ ମଧ ଜକେଇ ଆସେ। ଉଭୟ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଗଭୀର ପ୍ରଭାବ ଥିଲା । ଏକ ମୁକ୍ତ ଭାରତ ପ୍ରତି ତାଙ୍କର ପ୍ରତିବଦ୍ଧତା, ଦୃଷ୍ଟିକୋଣ ଏବଂ ନିର୍ଭୀକ ନେତୃତ୍ୱ ସମସ୍ତଙ୍କ ପାଇଁ ପ୍ରେରଣା ହୋଇ ରହିଛି ଓ ରହିଥିବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ ଓ କଟକ ସହିତ ତାଙ୍କ ସମ୍ପର୍କ ବିଷୟରେ ଆଗାମୀ ପିଢିଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି । ଏଭଳି ଜଣେ ଦେଶଭକ୍ତ ଓ ସଂଗ୍ରାମୀଙ୍କ ବିଷୟରେ ଆମ ଯୁବପିଢି ବିସ୍ତୃତ ଭାବେ ପଢିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଆଇ.ଏନ.ଏ ଭେଟେରାନ ଲେପ୍ଟନାଣ୍ଟ ଆର୍. ମାଧବନ ପିଲାଇଙ୍କୁ ମୁଖ୍ୟମନ୍ତ୍ରୀ ସଭା ମଞ୍ଚରୁ ଓହ୍ଲାଇ ସମ୍ବର୍ଦ୍ଧିତ କରିଥିଲେ। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ଓଡିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା । କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ସତ୍ୟବ୍ରତ ଷ୍ଟାଡିୟମ ଠାରେ ନେତାଜୀଙ୍କ ଜୀବନୀ ସମ୍ବନ୍ଧିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ମଧ ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବ, ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ପି ସିଂହଦେଓ, କେନ୍ଦ୍ର ସଂସ୍କୃତି ସଚିବ ଅରୁଣିଶ ଚାୱଲା ପ୍ରମୁଖ ଉପସ୍ଥିତ ଥିଲେ। ଆଇ.ଏନ୍.ଏ ଟ୍ରଷ୍ଟର ଅଧକ୍ଷ ବ୍ରିଗେଡିଅର ଆର.ଏସ ଚିକାରା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ମହାନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀ କଟକରେ ପହଞ୍ଚିବା ପରେ ପ୍ରଥମେ ଓଡିଆ ବଜାର ସ୍ଥିତ ନେତାଜୀଙ୍କ ଜନ୍ମସ୍ଥଳୀକୁ ଯାଇ ନେତାଜୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରି ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏକ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖିଥିଲେ।

### ପାକିସ୍ତାନ-ବାଂଲାଦେଶ...

ଗସ୍ତରୁ ଫେରିଥିଲେ। ମଙ୍ଗଳବାର ଦିନ ଯେତେବେଳେ ଆଇଏସଆଇ ମୁଖ୍ୟ ଦୁବାଇ ଦେଇ ଢାକାରେ ପହଞ୍ଚିଥିଲେ, ସେତେବେଳେ ତାଙ୍କୁ ବାଂଲାଦେଶ ସେନାର କ୍ୱାର୍ଟର ମାଷ୍ଟର ଜେନେରାଲ (କ୍ୟୁଏମଜି ଲେଫ୍ଟନାଣ୍ଟ ଜେନେରାଲ ମହମ୍ମଦ ଫେଜୁର ରହମାନ ସ୍ୱାଗତ କରିଥିଲେ। ଦି ଇକୋନୋମିକ ଟାଇମ୍ସ ଦ୍ୱାରା ମିଳିଥିବା ବିଶ୍ୱସ୍ତ ସୂଚନା ଅନୁଯାୟୀ, ରହମାନଙ୍କର ପାକିସ୍ତାନ ସହିତ ଘନିଷ୍ଠ ସମ୍ପର୍କ ରହିଛି। ଆଇଏସଆଇ ମୁଖ୍ୟଙ୍କ ଢାକା ଗସ୍ତର ଉଦ୍ଦେଶ୍ୟ ହେଉଛି ଦୁଇ ଦେଶର ଗୁପ୍ତଚର ଏଜେନ୍ସି ମଧ୍ୟରେ ଗୁପ୍ତଚର ବଣ୍ଟନ ନେଟୱାର୍କ ସୃଷ୍ଟି କରିବା । ଯାହାଦ୍ୱାରା ସୀମାରେ ହିଂସାତ୍ମକ କାର୍ଯ୍ୟକଳାପ ଦ୍ୱାରା ଭାରତରେ ଅଶାନ୍ତି ସୃଷ୍ଟି ହୋଇପାରିବ। ଏହାପୂର୍ବରୁ ବାଂଲାଦେଶର ଜଣେ ବରିଷ୍ଠ ଜେନେରାଲ ଇସଲାମାବାଦରେ ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ସୟଦ ଅସୀମ ମୁନିରଙ୍କୁ ଭେଟିଥିଲେ।ଦୀର୍ଘ ବର୍ଷ ଧରି ଇସଲାମାବାଦ ଗସ୍ତରେ ଆସିଥିବା ବାଂଲାଦେଶ ସଶସ୍ତ୍ର ବାହିନୀର ପ୍ରିନ୍ସିପାଲ ଷ୍ଟାଫ ଅଫିସର ଲେଫ୍ଟନାଣ୍ଟ ଜେନେରାଲ କାମ୍ରୁଲ ହାସନ ପ୍ରଥମ ବଙ୍ଗଳାଦେଶ ଜେନେରାଲ ଥିଲେ। ହାସନ ମଧ ବାଂଲାଦେଶ ସେନାର ଦ୍ୱିତୀୟ ର୍‍ୟାଙ୍କିଂ ଅଧିକାରୀ। ତାଙ୍କର ଏହି ଗସ୍ତ ସ୍ୱଷ୍ଟ ଭାବେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କରେ ଅଗ୍ରଗତି ସୂଚାଉଛି ବୋଲି କୁହାଯାଉଛି । ଗତ ବର୍ଷ ଅଗଷ୍ଟରେ ଶେଖ ହସିନା ସରକାରଙ୍କ ପତନ ପରେ ଦଶନ୍ଧି ପରେ ପାକିସ୍ତାନ ଏବଂ ବାଂଲାଦେଶର ସୈନ୍ୟବାହିନୀ ମଧ୍ୟରେ ଏଭଳି ବୈଠକ ଆରମ୍ଭ ହୋଇଥିଲା । ହାସନ ପାକିସ୍ତାନ ଗସ୍ତ ସମୟରେ ଜେନେରାଲ ମୁନିର ଏବଂ ଜଏଣ୍ଟ ଚିଫ ଅଫ ଷ୍ଟାଫ କମିଟିର ଅଧକ୍ଷ ଜେନେରାଲ ସାହିର ଶମମଶାଦ ମିର୍ଜାଙ୍କ ସହ ପୃଥକ ବୈଠକ କରିଥିଲେ।

### ମହାରାଷ୍ଟ୍ରରେ ଟ୍ରେନ୍ ...

ପହଞ୍ଚିଥିବା ବେଳେ ଭୁସାୱାଲର ଡିଭିଜନାଲ ରେଲୱେ ମ୍ୟାନେଜର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଟ୍ରେନ ଚକରୁ ଧୂଆଁ ବାହାରୁଥିବା ନେଇ ଗୁଜବ ପ୍ରଚାରକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହେବା ପରେ ଚେନ ଟାଣି ଟ୍ରେନ୍‌କୁ ଅଟକାଇ ଦିଆଯାଇଥିଲା। ଏହି ସମୟରେ ତରବରିଆ ଭାବେ ୨୫ରୁ ଅଧିକ ଲୋକ ଓହ୍ଲାଇପଡ଼ିଥିଲେ। ଅନେକ ବ୍ୟକ୍ତି ଟ୍ରେନ ରହିବା ପୂର୍ବରୁ ହିଁ ଡେଇଁ ପଡ଼ିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ସେହିଭଳି ମନମାଡ଼ରୁ ଭୁସାୱାଲ ଅଭିମୁଖେ ଯାଉଥିବା କର୍ଣ୍ଣାଟକ ଏକ୍ସପ୍ରେସ ଦ୍ୱିତୀୟ ଟ୍ରାକ ଦେଇ ଗତି କରୁଥିଲା ଏବଂ ଟ୍ରାକ୍‌ରେ ଥିବା ଲୋକଙ୍କ ଉପରେ ମାଡ଼ିଯାଇଥିଲା। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଏବଂ ଆହତଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

### ବିରୋଧୀଙ୍କୁ ବାଚସ୍ପତି ...

ଫେବୃଆରୀ ୧୩ରୁ ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆରମ୍ଭ ହେବ । ପ୍ରଥମ ଦିନରେ ରାଜ୍ୟପାଳ ଅଭିଭାଷଣ ପ୍ରଦାନ କରିବେ । ୧୪ ଓ ୧୫ ତାରିଖ ଦୁଇଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସମ୍ପର୍କିତ ଆଲୋଚନା ହେବ। ଚଳିତ ବଜେଟ୍ ଅଧିବେଶନରେ ମୋଟ ୨୮ଟି କାର୍ଯ୍ୟଦିବସ ରହିଛି। ଏଥିସହିତ ୧୭ ତାରିଖରେ ବଜେଟ ଆଗତ ହେବ। ଏହା ଉପରେ ବିସ୍ତୃତ ଆଲୋଚନା ହେବ। ୨୦ ଓ ୨୧ରେ ବଜେଟ ଉପରେ ସାଧାରଣ ଆଲୋଚନା ରହିଛି । ୨୨ ତାରିଖରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାୟୀ କମିଟି ଦ୍ୱାରା ବଜେଟ ଉପରେ ନିରୀକ୍ଷକ ପାଇଁ ନିର୍ଦ୍ଧାରଣ କରାଯାଇଛି। ୭ ମାର୍ଚ୍ଚରେ ସ୍ଥାୟୀ କମିଟି ରିପୋର୍ଟ ଗୃହରେ ଉପସ୍ଥାପନା କରାଯିବ । ୧୦ ମାର୍ଚ୍ଚରୁ ଖର୍ଚ୍ଚ ଦାବି ସମ୍ପର୍କିତ ଆଲୋଚନା ହେବ। ୨୯ ତାରିଖରେ ବିନିଯୋଗ ବିଲ୍ ଉପସ୍ଥାପନ ଏବଂ ବଜେଟ ପାରିତ ହେବ ବୋଲି କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଛି।

## ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ

## ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ କ୍ଲିୟରାନ୍ସ ପ୍ରାପ୍ତ ଏବଂ ନିର୍ମାଣ କାର୍ଯ୍ୟ ଅଗ୍ରଗତି ଜାରି ରହିଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି, ଯେଉଁଥିରେ ଦଶପଲ୍ଲା ଏବଂ ଆଡ଼େଣିଗଡ଼ ମଧ୍ୟରେ ଥିବା ରେଳ ସେକ୍ସନ ପାଇଁ ଗୁରୁତ୍ୱପୂର୍ଣ୍ଣ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ଅନୁମୋଦନ (କ୍ଲିୟରାନ୍ସ) କରିବା ଅନ୍ତର୍ଭୁକ୍ତ। ଏହି ଅନୁମୋଦନ ପ୍ରକଳ୍ପକୁ ସର୍ବନିମ୍ନ ପରିବେଶଗତ ପ୍ରଭାବ ସହିତ ଆଗକୁ ବଢ଼ିବାକୁ ସ୍ୱୀକୃତି ଦେଉଅଛି । ବର୍ତ୍ତମାନ ସୁଦ୍ଧା, ମୋଟ ୩୦୧ କିଲୋମିଟର ରେଳ ଲାଇନ ମଧ୍ୟରୁ ୨୨୬ କିଲୋମିଟର ରେଳ ମାର୍ଗ ସମ୍ପୂର୍ଣ୍ଣ ହୋଇଛି, ଯେଉଁଥିରେ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିଲୋମିଟର ଏବଂ ବଲାଙ୍ଗୀରରୁ ପୁରୁଣାକଟକ ପର୍ଯ୍ୟନ୍ତ ୧୨୦ କିଲୋମିଟର ଅନ୍ତର୍ଭୁକ୍ତ । ପୁରୁଣାକଟକ ଏବଂ ଦଶପଲ୍ଲା ମଧ୍ୟରେ ଅବଶିଷ୍ଟ ୭୫ କିଲୋମିଟର ପାଇଁ ନିର୍ମାଣ କାର୍ଯ୍ୟ ଚାଲୁରହିଛି । ଜଙ୍ଗଲ ପରିବର୍ତ୍ତନ ଏବଂ ପରିବେଶଗତ ପଦକ୍ଷେପ। ଏହି ପ୍ରକଳ୍ପ ପାଇଁ ୩,୨୭୪.୩୩୬ ହେକ୍ଟର ଜମି ଅଧିଗ୍ରହଣ ଆବଶ୍ୟକ ଥିଲା, ଯେଉଁଥିରେ ୭୪୬.୪୨ ହେକ୍ଟର ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଆହ୍ୱାନ ଥିଲା ଦଶପଲ୍ଲା ଏବଂ ପୁରୁଣାକଟକ (କିଲୋମିଟର ୧୧୨-୧୮୦) ମଧ୍ୟରେ ଜଙ୍ଗଲ ଜମିରେ ନିର୍ମାଣ କାର୍ଯ୍ୟପାଇଁ ଅନୁମୋଦନ କରିବା, ଯେଉଁଥିରେ ୫୯୪.୬୧୮ ହେକ୍ଟର ଘନ ଜଙ୍ଗଲ ଅନ୍ତର୍ଭୁକ୍ତ ଥିଲା । ତଥାପି, ପ୍ରମୁଖ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଏଡାଇବା ଏବଂ ଆଖପାଖର ପରିବେଶ ଉପରେ ପ୍ରଭାବକୁ କମ କରିବା ପାଇଁ ସତର୍କତାର ସହିତ ଯୋଜନା କରାଯାଇଥିଲା । ପରିବେଶ ମନ୍ତ୍ରଣାଳୟ ଓ ବନ ବିଭାଗ ସହିତ ପରାମର୍ଶ କରି, ପ୍ରକଳ୍ପ ଦଳ ଏକ ବ୍ୟାପକ ବନ୍ୟପ୍ରାଣୀ ସଂରକ୍ଷଣ ଯୋଜନା ବିକଶିତ କରିଥିଲେ, ଯାହାକୁ ଓଡ଼ିଶାର ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ)ଙ୍କ ଦ୍ୱାରା ଅନୁମୋଦନ କରାଯାଇଥିଲା । ନିର୍ମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାର ବାଧାକୁ କମ କରିବା ପାଇଁ ପଶୁପକ୍ଷୀଙ୍କ ଯାତାୟାତ (ଉଭୟ ରେଳ ଲାଇନ ଉପରେ ଏବଂ ତଳେ) ଏବଂ ଜଳପଥ ଏବଂ ବନ୍ୟପ୍ରାଣୀଙ୍କ ଚଳାଚଳ ପାଇଁ ସେତୁ ଭଳି ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଅଛି। ସମସ୍ତ ପ୍ରକାର ଇଞ୍ଜିନିୟରିଂ ସମାଧାନ, ଭାୟାଡକ୍ଟ ଏବଂ ସୁଡ଼ଙ୍ଗ ସମେତ, ଗଛ କଟାକୁ ହ୍ରାସ କରିବା ଏବଂ ଜଙ୍ଗଲ ଆଚ୍ଛାଦନକୁ ସୁରକ୍ଷା ଦେବା ପାଇଁ ଏହି ଡିଜାଇନ୍ କରାଯାଇଥିଲା । ପ୍ରକଳ୍ପ ସମାପ୍ତି ପାଇଁ ରଣନୈତିକ ଯୋଜନା: ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କ୍ଷେତ୍ରରେ ଅଗ୍ରଗତି ଜାରିରହିଥିବା ବେଳେ ପ୍ରମୁଖ ଇଞ୍ଜିନିୟରିଂ ସଫଳତା ପୂର୍ବରୁ ହାସଲ କରାଯାଇଛି । ଏପର୍ଯ୍ୟନ୍ତ ୨୨୬ କିଲୋମିଟର ରେଳ ଲାଇନ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ଏହି ପରିବର୍ତ୍ତନକାରୀ ଭିତ୍ତିଭୂମି ପ୍ରକଳ୍ପର ସମୟସୀମା ସମାପ୍ତି ସୁନିଶ୍ଚିତ କରି, ଅବଶିଷ୍ଟ କାର୍ଯ୍ୟ ଖୁବ ଶୀଘ୍ର ଶେଷ ହେବ ବୋଲି ଆଶା କରାଯାଉଛି ।

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ସୁବର୍ଣ୍ଣପୁର**

**ବିଜ୍ଞାପନ**

ଏତଦ୍ୱାରା ସୁବର୍ଣ୍ଣପୁର ତଥା ଆଖପାଖ ଅଂଚଳର ଜନସାଧାରଣ ଏବଂ କୃଷକ ଭାଇଭଉଣୀମାନଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ ଆସନ୍ତା ଜାନୁୟାରୀ ୨୨ତାରିଖ ରୁ ୨୬ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରଘାଲ ପଡିଆ, ସୋନପୁର ଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡିଶା ସରକାରଙ୍କ ଆନୁକୂଲ୍ୟରେ କୃଷି ବିଭାଗ, ସୁବର୍ଣ୍ଣପୁର ତରଫରୁ ଅନୁଷ୍ଠିତ ହେବ । ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ଆର୍ଥିକ ସହାୟତାର ସଚେତନତା, ମହିଳା ସଙ୍ଘ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, କୃଷି ଓ ଆନୁସଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ସୂଚିକର ପ୍ରଚାର ଓ ପ୍ରସାର ନିମନ୍ତେ ଏବଂ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ଟକ୍‌କାଲ ବୁକିଂ ବ୍ୟବସ୍ଥା ଅଛି । ତେଣୁ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣ ଏବଂ କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିବା ହେବେ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ
ସୁବର୍ଣ୍ଣପୁର

ଜିଲ୍ଲାପାଳ
ସୁବର୍ଣ୍ଣପୁର

ଭୁବନେଶ୍ୱର
୨୪ ଜାନୁଆରୀ
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଟ୍ରେନ ଦୁର୍ଘଟଣାରେ ଦୁଖ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

## ମୃତକଙ୍କ ପାଇଁ ୨ ଲକ୍ଷର ସହାୟତା ଘୋଷଣା



**ନୂଆଦିଲ୍ଲୀ, ୨୩/୧**
ମହାରାଷ୍ଟ୍ର ଜଳଗାଁରେ ଭୟଙ୍କର ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ନିଆଁ ଗୁଜବ ଯୋଗୁଁ ଜୀବନ ବଞ୍ଚାଇବାକୁ ପୁଷ୍ପକ ଏକ୍ସପ୍ରେସରୁ ରେଳ ଧାରଣାକୁ ଡେଇଁ ପଡ଼ିଥିଲେ ଯାତ୍ରୀ। ସେତେବେଳେ ବିପରୀତ ଦିଗରୁ ଆସୁଥିବା କର୍ଣ୍ଣାଟକ ଏକ୍ସପ୍ରେସ ସେମାନଙ୍କ ଉପରେ ଚଢ଼ିଗଲା। ଘଟଣାରେ ଦୁଖ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଗୁଜବରୁ ମହାରାଷ୍ଟ୍ର ଜଳଗାଁ ପରାଣ୍ଡା ଷ୍ଟେସନ୍‌ରେ ଏହି ଦୁର୍ଘଟଣା ଘଟିଛି। ପୁଷ୍ପକ ଏକ୍ସପ୍ରେସରେ ନିଆଁ ଲାଗିଥିବା ନେଇ ଗୁଜବ ପ୍ରଚାର ହେବାପରେ ଆଶଙ୍କାରେ ଯାତ୍ରୀମାନେ ଚେନ ଟାଣି ଟ୍ରେନ ଅଟକାଇଥିଲେ। ଏହାପରେ ଜୀବନ ବଞ୍ଚାଇବା ଲାଗି ଟ୍ରେନରୁ ଡେଇଁ ପଡ଼ିଥିଲେ। ଏହି ସମୟରେ ଅନ୍ୟ ଟ୍ରାକରେ ଆସୁଥିବା କର୍ଣ୍ଣାଟକ ଏକ୍ସପ୍ରେସ ଯାତ୍ରୀଙ୍କୁ ଧକ୍କା ଦେଇଥିଲା। ଏହି ଘଟଣାରେ ୧୩ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଲକ୍ଷ୍ନୌରୁ ମୁମ୍ବାଇ ଯାଉଥିଲା ପୁଷ୍ପକ ଏକ୍ସପ୍ରେସ୍। ଏହି ଘଟଣାରେ ଦୁଖ ପ୍ରକାଶ କରିବା ସହ ମୃତକଙ୍କ ପାଇଁ ୨ ଲକ୍ଷର ସହାୟତା ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି। ସେପଟେ ରେଳ ବିଭାଗ ମଧ୍ୟ ପ୍ରତ୍ୟେକ ମୃତକଙ୍କ ପାଇଁ ଦେଢ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛି ।





ଭୁବନେଶ୍ୱର : ଜୟନ୍ତୀ ପାଳନ ଅବସରରେ ବିଧାନସଭା ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଉପସ୍ଥିତ ଅଛନ୍ତି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

## ସାଧାରଣତନ୍ତ୍ର ଦିବସ ପରେଡ କାର୍ଯ୍ୟକ୍ରମରେ ଯୋଗ ଦେବେ

# ଓଡ଼ିଶାରୁ ୩ ମହିଳା ବୁଣାକାର



**ନୂଆଦିଲ୍ଲୀ, ୨୩/୧**
ପଲ୍ଲୀର ମହିଳା ଏବେ ଦିଲ୍ଲୀ ପହଞ୍ଚିବେ । ଚଳିତ ବର୍ଷ ନୂଆଦିଲ୍ଲୀରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ସମାରୋହ-୨୦୨୫ ପରେଡ୍ କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ଯୋଗ ଦେବେ ଓଡ଼ିଶାରୁ ୩ ମହିଳା ବୁଣାକାର। ସେମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ସମ୍ବଲପୁର ଜିଲ୍ଲା ଜୁଜୁମରା ବ୍ଲକ ବାହାମ ପଞ୍ଚାୟତର ବଡ଼ତୁରାଙ୍ଗ ଗ୍ରାମର ଡିଳେଶ୍ୱରୀ ମେହେର । ଏନେଇ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି ଫାଉଣ୍ଡେସନର ମୁଖ୍ୟ ମୃଦୁଳା ଠାକୁର । ଶ୍ରୀମତୀ ମେହେର ହେଉଛନ୍ତି ବୟନ ବ୍ୟବସାୟୀ ପୁଟୁରୁ ମେହେରଙ୍କ ଧର୍ମ ପତ୍ନୀ । ଜଣେ ବୁଣାକାର ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସ୍ୱାବଲମ୍ବୀ ହୋଇଥିବା ଡିଳେଶ୍ୱରୀ ବିଶେଷ ଅତିଥି ଭାବେ ଏଥର ଯୋଗଦେଇ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପରେଡ୍ ଅଭିବାଦନ ସହ ତାଙ୍କ ଅଭିଭାଷଣ ଶୁଣିବାର ସୁଯୋଗ ପାଇବେ । ଏହାକୁ ନେଇ ସେ ଖୁବ୍ ଗର୍ବିତ ଓ ଅତ୍ୟନ୍ତ ଆନନ୍ଦିତ ବୋଲି କହିଛନ୍ତି । ତାଙ୍କୁ ଏହି ସୁଯୋଗ ମିଳିଥିବାରୁ ସେ ଅଞ୍ଚଳର ବହୁ ଅନୁଷ୍ଠାନ, ବିଶେଷ ବ୍ୟକ୍ତି, ଗ୍ରାମବାସୀ, ବିକାଶ ଫାଉଣ୍ଡେସନର ମୁଖ୍ୟ ମୃଦୁଳା ଠାକୁର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି । ସେହିପରି ଶ୍ରୀମତୀ ମେହେରଙ୍କ ସହିତ ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ୍ ଅଞ୍ଚଳ ବିଂଝୁଆ ଗାଁର ମହିଳା ହସ୍ତତନ୍ତ ବୟନଶିଳ୍ପୀ ସୀମା ରାଉତ ଓ ବାଲେଶ୍ୱର ଜିଲ୍ଲାର ସୀତା ମୁର୍ମୁ ସ୍ଥାନ ପାଇ ଓଡ଼ିଶାର ଟେକ ରଖିଛନ୍ତି ।

# କିଟ୍‌ରେ ବ୍ଲୁ-ଇକୋନୋମି ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର, ୨୩।୧**
**ନ୍ୟୁଜ ବ୍ୟୁରୋ**
'ଏମ୍ପାୱାରିଂ ସଷ୍ଟେନେବଲ୍ ଗ୍ରୋଥ ଥ୍ରୁ ମେରାଇନ୍ ଇକୋସିଷ୍ଟମ୍' ବିଷୟବସ୍ତୁକୁ ନେଇ କିଟ୍ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ 'ବ୍ଲୁ ଇକୋନୋମି' ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ପ୍ରମୁଖ ବିଜ୍ଞାନ ପରାମର୍ଶଦାତା କାର୍ଯ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍, ଆଇଆଇଟି ରୋପର, ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ କାଉନ୍‌ସିଲ୍, ବିଜ୍ଞାନ ଭାରତୀ, କିଟ୍ ବିଶ୍ୱବିଦ୍ୟାଳୟ, କିଟ୍ ସ୍କୁଲ୍ ଅଫ୍ ବାୟୋଟେକ୍ନୋଲୋଜି, ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର ଫାଉଣ୍ଡେସନ୍ (ବିସିକେଆଇସି)ର ମିଳିତ ଆନୁକୂଲ୍ୟରେ ୨୩ ଓ ୨୪ ତାରିଖ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ଉପରେ ଆଲୋକପାତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଭାରତର ସାମୁଦ୍ରିକ ଅର୍ଥନୈତିକ ଦୃଷ୍ଟିକୋଣରେ ରାଜ୍ୟର ରଣନୀତି ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଓଡ଼ିଶାର ବିସ୍ତୃତ ଉପକୂଳ ଥିବାରୁ ଭାରତର ସାମୁଦ୍ରିକ ଅର୍ଥନୀତିକୁ ଆଗକୁ ବଢ଼ାଇବାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ। ଏହା ସହିତ ରାଜ୍ୟରେ ସାମୁଦ୍ରିକ ପର୍ଯ୍ୟଟନ ବିକାଶ ଦିଗରେ ଯଥେଷ୍ଟ ସମ୍ଭାବନା ରହିଥିବା ଶ୍ରୀମତୀ ପରିଡ଼ା କହିଥିଲେ। ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ଡ ରାଜେଶ ଗୋଖଲେ ବିକଶିତ ଭାରତ ପାଇଁ ବାୟୋ-ଇନୋଭେସନ୍ ଉପରେ ଗୁରୁତ୍ୱାରୋପ କରି କହିଲେ, ସାମୁଦ୍ରିକ ସଂପଦର ଉପଯୋଗ ଯୋଗୁଁ ଆର୍ଥିକ କ୍ଷେତ୍ରରେ ଯଥେଷ୍ଟ ସହାୟକ ହୋଇପାରିବ। ସେ କହିଲେ, ମତ୍ସ୍ୟଜୀବୀ, ପର୍ଯ୍ୟଟନ ଏବଂ ଜୈବ ପ୍ରଯୁକ୍ତିବିଦ୍ୟାକୁ ନେଇ ସାମୁଦ୍ରିକ ପରିସଂସ୍ଥା ଏକ ଅର୍ଥନୈତିକ ଇଞ୍ଜିନ ଭାବେ କାର୍ଯ୍ୟ କରୁଛି। ଭାରତ ସରକାରଙ୍କ ସାଇଣ୍ଟିଫିକ୍ ସଚିବ ଡ. ପରମିନ୍ଦର ମୈନି ଏବଂ ବ୍ରିକ-ଆଇଏଲଏସର ନିର୍ଦ୍ଦେଶକ ଡ ଦେବାଶିଷ ଦାଶ ଏବଂ କିଟ୍‌ର ଗବେଷଣା ଓ ସର୍ଜନା ମହାନିର୍ଦ୍ଦେଶକ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ମଧ୍ୟ ସାମୁଦ୍ରିକ ଅର୍ଥନୀତି ସୁଯୋଗ ଉପରେ ସେମାନଙ୍କର ମତ ରଖିଥିଲେ। ଏହା ସହିତ ସେମାନେ ଜୈବ ପ୍ରଯୁକ୍ତିବିଦ୍ୟାର ବିକାଶଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ସହଯୋଗର ପ୍ରୋତ୍ସାହନ ଉପରେ ମତ ରଖିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉନ୍ନତ ଜୀବିକା ଏବଂ ନିଯୁକ୍ତି ସୃଷ୍ଟି ଦିଗରେ ସାମୁଦ୍ରିକ ଅର୍ଥନୀତିର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। 'ବ୍ଲୁ-ଇକୋନୋମୀ'ରେ ମତ୍ସ୍ୟଚାଷ, ଜଳକୃଷି ଏବଂ ପର୍ଯ୍ୟଟନ ସମେତ ବିଭିନ୍ନ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ଏହି ସମ୍ମିଳନୀ ସାମୁଦ୍ରିକ ସଂପଦକୁ ସ୍ଥାୟୀ ଭାବରେ ବ୍ୟବହାର କରି ଭାରତର ନିଜସ୍ୱ ଅଭିବୃଦ୍ଧି ମଡେଲକୁ ଗଠନ କରିବା ଉପରେ ଡ. ସାମନ୍ତ ଗୁରୁତ୍ୱାରୋପ କରିଥିଲେ। ସାମୁଦ୍ରିକ ସମ୍ବଳର ଅର୍ଥନୈତିକ ସୁବିନିଯୋଗ ଦିଗରେ ଅଧିକ ଗବେଷଣା କରାଯିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଶ୍ୱର ବିଭିନ୍ନ ସ୍ଥାନରୁ ନୀତି ନିର୍ଦ୍ଧାରକ, ଗବେଷକ ଏବଂ ଛାତ୍ରଛାତ୍ରୀଙ୍କ ସମେତ ୮୦୦ରୁ ଅଧିକ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମୁଦ୍ରିକ ବାୟୋଟେକ୍ନୋଲୋଜି, ଜଳ, କୃଷି ଏବଂ ପର୍ଯ୍ୟଟନ କ୍ଷେତ୍ରର ବିଶେଷଜ୍ଞ ୫୦ଟି ଷ୍ଟାର୍ଟଅପ୍ କମ୍ପାନୀ ପ୍ରଦର୍ଶିତ ହୋଇଥିଲା।




# ଅସାଧୁ ମିଲରଙ୍କୁ କଡ଼ା ଚେତାବନୀ ଦେଲେ ଯୋଗାଣ ମନ୍ତ୍ରୀ : ନୂଆ ସରକାର ନୂଆ ନୀତିରେ ଚାଲିବ

**ଭୁବନେଶ୍ୱର ୨୩।୧ ନ୍ୟୁଜ ବ୍ୟୁରୋ**
ଅସାଧୁ ମିଲରଙ୍କୁ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ କଡ଼ା ଚେତାବନୀ । ଯେଉଁ ମିଲର ମାନେ ଅଧିକ କଟ୍‌ନୀ ଛଟ୍‌ନୀ କରୁଛନ୍ତି, କଥା ମାନୁନାହାନ୍ତି, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ କରାଯାଇଛି । ଯେଉଁ ମିଲର ସରକାରଙ୍କ ନିୟମ ମାନିବେ ନାହିଁ, ମନମାନି କରିବେ, ପୁରୁଣା ନୀତିରେ ଚାଲିବେ ସେସବୁ ଆଉ ଚାଲିବ ନାହିଁ । ନୂଆ ସରକାର ନୂଆ ନୀତିରେ ଚାଲିବ । କୃଷକମାନଙ୍କୁ ହଇରାଣ କଲେ କଡ଼ା ଆକ୍ସନ ହେବ ବୋଲି ଯୋଗାଣ ମନ୍ତ୍ରୀ ଚେତାଇ ଦେଇଛନ୍ତି । ଗତ ୨୧ ତାରିଖରେ ଯୋଗାଣ ମନ୍ତ୍ରୀ କହିଥିଲେ, ରାଜ୍ୟରେ ସୁରୁଖୁରୁରେ ଚାଲିଛି ଧାନ କିଣା । କଟ୍‌ନି ଛଟ୍‌ନି ହେଉନି । କାଁ ଭାଁ ଯଦି କେଉଁଠି କିଛି ସମସ୍ୟା ହେଉଛି ତାକୁ ସମାଧାନ କରାଯାଉଥିବା କହିଥିଲେ ଯୋଗାଣ ମନ୍ତ୍ରୀ । ବର୍ତ୍ତମାନ ସୁଦ୍ଧା ୭୨୦୮ କୋଟି ଟଙ୍କା ଚାଷୀଙ୍କୁ ଦିଆଯାଇଛି । ୩୪ ଲକ୍ଷ ୨୯ ହଜାର ମେଟ୍ରିକ୍ ଟନ୍ ଧାନ ବର୍ତ୍ତମାନ ସୁଦ୍ଧା ସରକାର କିଣି ସାରିଛନ୍ତି । ଯେଉଁଠି କଟ୍‌ନି ଛଟ୍‌ନି ଅଭିଯୋଗ ଆସୁଛି ସେଠି ତୁରନ୍ତ ଆକ୍ସନ ନିଆଯାଉଛି । ଯେଉଁମାନେ କରୁଛନ୍ତି ତାଙ୍କୁ ସସ୍‌ପେଣ୍ଡ କରିବାକୁ ଯୋଗାଣ ମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ବର୍ଷା କାରଣରୁ କିଛି ସ୍ଥାନରେ ଧାନ ଡିସକଲର ହୋଇଯାଇଛି । କ୍ଷତିପୂରଣ ପାଇଥିବା ଚାଷୀ ସେହି ଧାନକୁ ମଣ୍ଡିକୁ ନେଇ ଆସୁଥିବାରୁ ସମସ୍ୟା ହେଉଛି। ଖରାପ ଧାନ ମଣ୍ଡିକୁ ନଆଣିବାକୁ ଚାଷୀଙ୍କୁ ଯୋଗାଣ ମନ୍ତ୍ରୀ ନିବେଦନ କରିଥିଲେ । କିଛି ଦିନ ହେଲାଣି ରାଜ୍ୟର ବିଭିନ୍ନ ସ୍ଥାନରୁ ମଣ୍ଡି ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସୁଛି । କେଉଁଠି ଖରାପ ଧାନ କହି ମିଲର ନେଉନାହାନ୍ତି ତ ଆଉ କେଉଁଠି କଟ୍‌ନି ଛଟ୍‌ନିର ଅଭିଯୋଗ ଆଣୁଛନ୍ତି ଚାଷୀ । ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ ହେଉଥିଲେ ମଧ୍ୟ କିଛି ଦଲାଲ ଗଳାବାଟରେ କାରବାର ଚଳାଇଛନ୍ତି। ସେପଟେ ଭଦ୍ରକରେ ଧାନ ସଂଗ୍ରହ ବେଳେ ମିଲର୍ସଙ୍କ ମନମାନି ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସମବାୟ ସମିତି ବୁଲିବା ବେଳେ ଜିଲ୍ଲାପାଳ ଅଭିଯୋଗର ତଦନ୍ତ କରିଥିଲେ । ଅଭିଯୋଗର ସତ୍ୟାସତ୍ୟ ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ହୋଇଛି । ୩ ମିଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା । ଉତ୍ତର ନ ରଖିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲ୍ଲାପାଳ କହିଥିଲେ । ଭଦ୍ରକ ଜିଲ୍ଲାରେ ଧାନ ସଂଗ୍ରହ ବେଳେ ମଣ୍ଡି ଓ ମିଲରଙ୍କ ବିରୋଧରେ ଅଭିଯୋଗ ଆସୁଥିଲା । ଏହି ଆଧାରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତ ରାଏ ଗେଲଟୁଆ ଓ ଆମ୍ବରୋଳି ସ୍ଥିତ ଦୁଇଟି ମଣ୍ଡି ବୁଲୁଥିଲେ । ଚାଷୀଙ୍କ ସହ ଆଲୋଚନା ପରେ ଅଭିଯୋଗ ଶୁଣିଥିଲେ । ପରେ ୩ଟି ମିଲ୍ ଯଥା ଜେଏମଡି, ଓ୍ୱାଇଜିପି, ଅଦିତିକୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି । ଉତ୍ତର ନରଖିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାରେ ଭଲ ପ୍ରଦର୍ଶନ କରିଥିବା ମିଲରଙ୍କୁ ପ୍ରଶଂସା କରିଥିଲେ । ତେବେ ଟାର୍ଗେଟ୍‌କୁ ନଜରରେ ରଖି ଆଗକୁ ଅନ୍ୟ ଜିଲ୍ଲାର ମିଲରଙ୍କୁ ମଧ୍ୟ ଧାନ ସଂଗ୍ରହ ପାଇଁ ଦାୟିତ୍ୱ ଦେବାକୁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେବ ବୋଲି କୁହାଯାଇଛି।



# ଗଣନା ଶେଷ : ଭିତରକନିକାରେ କୁମ୍ଭୀର ସଂଖ୍ୟା ୧୮୨୬କୁ ବୃଦ୍ଧି



**କେନ୍ଦ୍ରାପଡା, ୨୨।୧**
**ନ୍ୟୁଜ ବ୍ୟୁରୋ**
ଭିତରକନିକାରେ ଶେଷ ହୋଇଛି କୁମ୍ଭୀର ଗଣନା । ଚଳିତବର୍ଷ ବୃଦ୍ଧି ପାଇଛି କୁମ୍ଭୀର ସଂଖ୍ୟା । ଭିତରକନିକାରେ ୧୮୨୬ ଟି କୁମ୍ଭୀର ଗଣନା କରାଯାଇଛି । ଗତବର୍ଷ ୧୮୧୧ଟି କୁମ୍ଭୀର ଗଣନା କରାଯାଇଥିଲା । ଗତବର୍ଷ ତୁଳନାରେ ଚଳିତବର୍ଷ କୁମ୍ଭୀର ସଂଖ୍ୟା ୧୫ଟି ବୃଦ୍ଧି ପାଇଥିବା ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି । ଏହି କୁମ୍ଭୀର ଗଣନା ୪ଟି ରେଞ୍ଜରେ ୩ ଦିନ ଧରି ଅନୁଷ୍ଠିତ ହୋଇଥିଲା। କନିକା, ରାଜନଗର ଗହୀରମଥା ଏବଂ ମହାକାଳପଡ଼ା ରେଞ୍ଜ ଅଞ୍ଚଳରେ ଥିବା ନଦୀ ନାଳରେ ଥିବା ବଉଳା କୁମ୍ଭୀର ଗଣନା କରାଯାଇଥିଲା। କୁମ୍ଭୀର ଗଣନା ପାଇଁ ରାଜନଗର ବନଖଣ୍ଡର ୪ଟି ରେଂଜ୍‌ରେ ୨୨ଟି ଦଳ ଗଣନା କରିଥିଲେ । କନିକା ରେଂଜ୍ ପାଇଁ ୧୧ଟି ଦଳ, ରାଜନଗର ରେଂଜ୍ ପାଇଁ ୭ଟି ଦଳ, ଗହୀରମଥା ରେଂଜ୍ ପାଇଁ ୨ଟି ଦଳ ଓ ମହାକାଳପଡା ରେଂଜ୍ ପାଇଁ ୨ଟି ଦଳ ଗଠନ କରାଯାଇଥିଲା । ପ୍ରତ୍ୟେକ ଦଳରେ ୪/୫ ଜଣ ଲେଖାଏଁ ଗଣନାକାରୀ ସାମିଲ ହୋଇ ଗଣନା କରିଥିଲେ । ରାଜନଗର ବନଖଣ୍ଡର ୪ଟି ରେଂଜ୍‌ରେ କୁମ୍ଭୀର ଗଣନା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିନିକିଆ ପ୍ରଶିକ୍ଷଣ ଶିବିରରେ ରାଜ୍ୟ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରୁ ଆସିଥିବା ସିସିଏଫ୍ ସମ୍ୟକ ସାମନ୍ତରାୟ ଯୋଗ ଦେଇଥିଲେ । ବିଶିଷ୍ଟ ପ୍ରାଣୀ ବିଜ୍ଞାନୀ ତଥା କୁମ୍ଭୀର ବିଶାରଦ ଡ. ସୁଧାକର କର ଓ ବିଶିଷ୍ଟ ପ୍ରାଣୀ ବିଜ୍ଞାନୀ ଡ. ଶିବ ପ୍ରସାଦ ପରିଡ଼ା ଏହି ଶିବିରରେ ଯୋଗଦେଇ ଫରେଷ୍ଟର, ଫରେଷ୍ଟଗାର୍ଡ ଓ ଅନ୍ୟ ବନ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ସହକାରୀ ବନ ସଂରକ୍ଷକ ପୁନମହୀରା ହାଁସଦା, ଗଗନ ବିହାରୀ ମଲ୍ଲିକ, ଭଦ୍ରକ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସୁମିତି ମହାନ୍ତି ଉପସ୍ଥିତ ଥିଲେ । ସହକାରୀ ବନ ସଂରକ୍ଷକ ମାନସ ଦାସଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା ।

## ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ଭିତରକନିକା

**ପଟ୍ଟାମୁଣ୍ଡାଇ ୨୩/୧**
**ନ୍ୟୁଜ ବ୍ୟୁରୋ**
ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର । ଗୁରୁବାର ଠାରୁ ଖୋଲିଛି ଭିତରକନିକା ଜାତୀୟ ଉଦ୍ୟାନ । ଭିତରକନିକାର ପ୍ରାକୃତିକ ଶୋଭାରାଜିକୁ ବୁଲି ଉପଭୋଗ କରିପାରିବେ ପର୍ଯ୍ୟଟକ । କୁମ୍ଭୀର ଗଣନା ପାଇଁ ଗତ ୧୪ ତାରିଖରୁ ୨୨ ତାରିଖ ଯାଏ ଦୀର୍ଘ ୯ ଦିନ ଧରି ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥିଲା ।
ନଦୀ ନାଳ ମାନଙ୍କରେ ବୋଟ୍ ଚଳାଚଳ ଉପରେ କଟକଣା ଲଗାଯାଇଥିଲା । ପର୍ଯ୍ୟଟକ ଆସିଲେ କୁମ୍ଭୀର ଗଣନାରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଥିଲା ।

## ପୁରୀ ଜିଲ୍ଲାର ସଫଳ ମାଛ ଚାଷୀ ସାଧାରଣତନ୍ତ୍ର ଦିବସରେ ହେବେ ଅତିଥି

**କୋଣାର୍କ ୨୩।୧ ନ୍ୟୁଜ ବ୍ୟୁରୋ**
ପୁରୀ ଜିଲ୍ଲା ଗୋପ ବ୍ଲକ ଗଣେଶ୍ୱରପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ସଫଳ ଯୁବ ମାଛ ଚାଷୀ ଜ୍ଞାନ ସ୍ୱରୂପ ସାହୁଙ୍କ ନିକଟକୁ ରାଷ୍ଟ୍ରପତି ଭବନରୁ ଚିଠି ଆସିଛି। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପୁରୀ ଜିଲ୍ଲାର ଏକମାତ୍ର ସଫଳ ଚାଷୀ ଭାବେ ରାଷ୍ଟ୍ରପତିଙ୍କୁ ଭେଟିବା ନିମନ୍ତେ ଜ୍ଞାନ ସ୍ୱରୂପ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ରାଷ୍ଟ୍ରପତି ଭବନକୁ ନିମନ୍ତ୍ରଣ କରାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି । ହଠାତ ଚିଠି ମିଳିବା ପରେ ଜ୍ଞାନ ଓ ତାଙ୍କ ପରିବାର ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା । ଖାଲି ପରିବାର ନୁହେଁ ପୁରା ଜିଲ୍ଲାର ସମସ୍ତ ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ଆସିବା ପରେ ଜ୍ଞାନଙ୍କ ବାପା-ମା' ଓ ଧର୍ମପତ୍ନୀ ଗର୍ବିତ ଥିବା ବେଳେ ଜ୍ଞାନ ସ୍ୱରୂପ ନିଜକୁ ଧନ୍ୟ ମନେକରିଛନ୍ତି ।

# ଅଭୟାରଣ୍ୟ ବୁଲିବା ପାଇଁ କେବଳ ଅନ୍‌ଲାଇନରେ ହେବ ଆବେଦନ

**ବାରିପଦା, ୨୩/୧ ନ୍ୟୁଜ ବ୍ୟୁରୋ**
ଶିମିଳିପାଳରେ ପ୍ରବେଶ ପାଇଁ ଫେବୃୟାରୀ ପହିଲାରୁ ନୂଆ ନିୟମ । ଅଭୟାରଣ୍ୟ ବୁଲିବା ପାଇଁ କେବଳ ଅନ୍‌ଲାଇନରେ ଆବେଦନ କରିବେ ପର୍ଯ୍ୟଟକ । କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ନିୟମରେ ପରିବର୍ତ୍ତନ କରାଯିବ ବୋଲି ବାରିପଦା ମଣ୍ଡଳ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀଙ୍କ ସୂଚନା ଦେଇଛନ୍ତି। ଶିମିଳିପାଳ ଅଭୟାରଣ୍ୟ ବୁଲିବା ପାଇଁ ଆସୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ଆସନ୍ତା ଫେବୃୟାରୀ ପହିଲାରୁ ନୂତନ ନିୟମ ଲାଗୁ ହେବାକୁ ଯାଉଛି। ଅଭୟାରଣ୍ୟ ବୁଲିବା ନିମନ୍ତେ ପର୍ଯ୍ୟଟକମାନଙ୍କୁ ଏବେ ଅନ୍‌ଲାଇନରେ ଆବେଦନ କରିବାକୁ ପଡିବ। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର) ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ମଣ୍ଡଳ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡଃ ପ୍ରକାଶ ଚାନ୍ଦ ଗୋଗିନେନୀ ଏକ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ଶିମିଳିପାଳକୁ ପର୍ଯ୍ୟଟକମାନେ ଘରୋଇ ଗାଡ଼ିରେ ପ୍ରବେଶ କରିବା ନିମନ୍ତେ ବାରିପଦା ପଟୁ ପିଠାବଟା ତନଖି ଫାଟକ ଓ ଯଶିପୁର ପଟୁ କାଳିକାପ୍ରସାଦ ତନଖି ଫାଟକରେ ଅଫଲାଇନ ଜରିଆରେ ଆବେଦନ କରି ପ୍ରବେଶ କରୁଥିଲେ । ଉଭୟ ଫାଟକରେ ଆବେଦନ ଫର୍ମ ସମେତ ଧାର୍ଯ୍ୟ ଟଙ୍କା ପ୍ରଦାନ କଲେ ପ୍ରବେଶ ନିମନ୍ତେ ପରମିଟ ଅନୁମତି ଦିଆଯାଉଥିଲା । କିନ୍ତୁ ତାହାକୁ ପରିବର୍ତ୍ତନ କରାଯାଇ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଅନଲାଇନ ପ୍ରକ୍ରିୟା କରାଯାଇଛି। ପର୍ଯ୍ୟଟକମାନେ ଶିମିଳିପାଳ ଆସିବା ପୂର୍ବରୁ ଡବ୍ଲୁଡବ୍ଲୁଡବ୍ଲୁ ଶିମିଳିପାଳ ଓଆରଜି କିମ୍ବା ଡବ୍ଲୁଡବ୍ଲୁଡବ୍ଲୁ ଇକୋଟୁର ଓଡିଶା.କମ୍‌ରେ ଆବେଦନ କରିବେ। ଆବେଦନକୁ ସ୍ୱୀକୃତି ମିଳିବା ପରେ ପ୍ରଦତ୍ତ ପରମିଟ ତାରିଖରେ ଶିମିଳିପାଳ ଅଭୟାରଣ୍ୟକୁ ବୁଲିବାକୁ ଆସିବେ ବୋଲି ସୂଚନା ଦିଆଯାଇଛି। ତେବେ ପୂର୍ବ ପରି ଦୈନିକ କାଳିକାପ୍ରସାଦ ତନଖି ଫାଟକ (ଯଶିପୁର) ପଟୁ ୩୫ ଗାଡି ଓ ପିଠାବଟା (ବାରିପଦା) ତନଖି ଫାଟକ ଦେଇ ୨୫ ଗାଡି ଜଙ୍ଗଲ ଭିତରକୁ ପ୍ରବେଶ କରିବ ବୋଲି ଜଣାପଡ଼ିଛି ।

## ସେପ୍ଟେମ୍ବର ୨୦୨୪ ସୁଦ୍ଧା ଭାରତର ବିଦେଶୀ ଋଣ ୭୧୧.୮ ବିଲିୟନ ଡଲାର




**ନୂଆଦିଲ୍ଲୀ ୨୩।୧**
ଭାରତର ଅର୍ଥ ବ୍ୟବସ୍ଥା ଗତ କିଛି ବର୍ଷ ହେଲା ଦ୍ରୁତ ବିକାଶ କରୁଛି। ତେବେ ଏହି ବିକାଶ ସହିତ ଦେଶ ଉପରେ ବିଦେଶୀ ଋଣ ବୋଝ ମଧ୍ୟ ବଢିବଢି ଚାଲିଛି। ନିକଟରେ ଭାରତ ସରକାର ଏ ନେଇ ତଥ୍ୟ ଜାରି କରିଛନ୍ତି। ଏଥିରୁ ଦେଶ ଉପରେ ବିଦେଶୀ ଋଣ ଢେର ବଢିଯାଇଥିବା ଜଣାପଡୁଛି ଓ ଏହା ଏପର୍ଯ୍ୟନ୍ତ ସବୁଠୁ ଉଚ୍ଚତମ ସ୍ତରକୁ ପହଞ୍ଚିଥିବାର ମଧ୍ୟ ସୂଚାଉଛି। ଅର୍ଥମନ୍ତ୍ରଣାଳୟଙ୍କ ଦ୍ୱାରା ଜାରି ତଥ୍ୟ ଅନୁସାରେ ସେପ୍ଟେମ୍ବର ୨୦୨୪ ସୁଦ୍ଧା ଭାରତର ବିଦେଶୀ ଋଣ ପରିମାଣ ୭୧୧.୮ ବିଲିୟନ ଡଲାର (ପାଖାପାଖି ୫୮.୬ଲକ୍ଷ କୋଟି ଟଙ୍କା) ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ଏହି ପରିମାଣ ଜୁନ ୨୦୨୪ ତୁଳନାରେ ୪.୩ ପ୍ରତିଶତ ଅଧିକ। ଗତବର୍ଷ ଜୁନ ମାସ ସୁଦ୍ଧା ଭାରତର ବିଦେଶୀ ଋଣ ୬୮୨.୨ ବିଲିୟନ ଡଲାର ଥିଲା। ଯାହା ମାତ୍ର ୩ ମାସରେ ଅର୍ଥାତ ସେପ୍ଟେମ୍ବର ବେଳକୁ ୨୯.୬ ବିଲିୟନ ଡଲାର ବଢିଛି। ସେହି ଅନୁସାରେ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ଭାରତର ବିଦେଶୀ ଋଣ ଏହାର ସକଳ ଘରୋଇ ଉତ୍ପାଦ (ଜିଡିପି)ର ୧୯.୪ ପ୍ରତିଶତ ଥିଲା। ତେବେ ସେପ୍ଟେମ୍ବର ପୂର୍ବରୁ ଜୁନ୍‌ରେ ଏହି ପରିମାଣ ୧୮.୮ ପ୍ରତିଶତ ଥିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଋଣ ଅନୁପାତ ଜିଡିପି ତୁଳନାରେ ବଢିବାରେ ଲାଗିଛି। ଯାହା ଆଗକୁ ଚିନ୍ତାର ବିଷୟ ହୋଇପାରେ। କାରଣ ଅଧିକ ଋଣର ଅର୍ଥ ଭବିଷ୍ୟତରେ ଅଧିକ ସୁଧ ପୈଠ କରିବାର ବୋଝ ହେବ, ଯାହା ସରକାରଙ୍କ ଆର୍ଥିକ ସ୍ଥିତି ଓ ସ୍ଥିରତାକୁ ପ୍ରଭାବିତ କରିବ। ତେବେ ଭାରତର ବିଦେଶୀ ଋଣ ବିଭିନ୍ନ ମୁଦ୍ରାର ମିଶ୍ରଣ। ଯେଉଁଥିରେ ସବୁଠୁ ବଡ଼ ଅଂଶ ଆମେରିକୀୟ ମୁଦ୍ରା ଡଲାରର ରହିଛି। ସେପ୍ଟେମ୍ବର ୨୦୨୪ରେ ଭାରତର ବିଦେଶୀ ଋଣର ୫୩.୪ ପ୍ରତିଶତ ଆମେରିକୀୟ ଡଲାରରେ ଥିଲା। ଏହା ପଛକୁ ଭାରତୀୟ ମୁଦ୍ରାରେ ୩୧.୨ ପ୍ରତିଶତ, ଜାପାନୀ ୟେନରେ ୬.୬ ପ୍ରତିଶତ, ଏସଡିଆର (ବିଶେଷ ଆହରଣ ଅଧିକାର)ରେ ୫ ପ୍ରତିଶତ ଓ ୟୁରୋପରେ ୩ ପ୍ରତିଶତ ଥିଲା। ତେବେ ଭାରତର ବିଦେଶୀ ଋଣର ସ୍ଥିତି ଏବେ ଏତେ ଗୁରୁତର ହୋଇ ନାହିଁ, ଯାହା ଦ୍ୱାରା କୌଣସି ତତ୍କାଳ ଆର୍ଥିକ ସଂକଟ ଉପୁଜିବ। ତେବେ ଋଣର ସ୍ତର ଓ ସୁଧହାର ବଢିଲେ ଭବିଷ୍ୟତରେ ଦେଶ ପାଇଁ ମସ୍ତବଡ ଚ୍ୟାଲେଞ୍ଜ ହୋଇପାରେ।

# ନିର୍ବାଚନ ପାଇଁ ରାଜଧାନୀ ଦିଲ୍ଲୀରେ ୪ ଦିନ ଡ୍ରାଏ ଡେ

**ନୂଆଦିଲ୍ଲୀ ୨୩/୦୧**
ଆସନ୍ତା ଫେବୃୟାରୀ ମାସରେ ଦିଲ୍ଲୀରେ ନିର୍ବାଚନ । ଏନେଇ ୪ ଦିନ ପାଇଁ ଡ୍ରାଏ ଡେ ରହିବ । ଦିଲ୍ଲୀ ସରକାର ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣା ହେବା ପର୍ଯ୍ୟନ୍ତ ଫେବୃୟାରୀ ୩ ରୁ ୫ ଏବଂ ଫେବୃୟାରୀ ୮ ପର୍ଯ୍ୟନ୍ତ ସହରର ମଦ ଦୋକାନଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟ ମଧ୍ୟରେ ଜାତୀୟ ରାଜଧାନୀରେ ମଦ ପରିବେଷଣ କରୁଥିବା ଅନ୍ୟ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ବନ୍ଦ ରହିବ । ଦିଲ୍ଲୀ ଅବକାରୀ କମିଶନରଙ୍କ ଦ୍ୱାରା ସମ୍ପ୍ରତି ଏକ ବିଜ୍ଞପ୍ତି ଜାରି କରାଯାଇଛି। ଯେଉଁଥିରେ ୭୦ ସଦସ୍ୟ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ମତଦାନ ଏବଂ ଗଣନା ଦିନ ବିଭିନ୍ନ ଉତ୍ପାଦ ଲାଇସେନ୍ସ ପାଇଁ ଅବକାରୀ ନିୟମ-୨୦୧୦ ଅନୁଯାୟୀ ଡ୍ରାଏ ଡେ ଘୋଷଣା କରାଯାଇଛି। ଫେବୃୟାରୀ ୩ ତାରିଖ ସନ୍ଧ୍ୟା ୬ଟାରୁ ଫେବୃୟାରୀ ୫ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏବଂ ତା'ପରେ ଫେବୃୟାରୀ ୮ ତାରିଖ ଗଣନା ଦିନ ଏକ ଡ୍ରାଏ ଡେ ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଦିଲ୍ଲୀରେ ଡ୍ରାଏ ଡେ ସମୟରେ କୌଣସି ମଦ ଦୋକାନ ଖୋଲିବ ନାହିଁ। ଏହା ସହିତ, ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ମଦ ପରିବେଷଣ କରାଯିବ ନାହିଁ। ବିଜ୍ଞପ୍ତିରେ କୁହାଯାଇଛି ଯେ ମଦ ବିକ୍ରି କିମ୍ବା ପରିବେଷଣ କରୁଥିବା କ୍ଲବ୍ କିମ୍ବା କୌଣସି ପ୍ରତିଷ୍ଠାନକୁ ମଧ୍ୟ ମଦ ବିକ୍ରୟ କିମ୍ବା ପରିବେଷଣ କରିବାକୁ ଅନୁମତି ଦିଆଯିବ ନାହିଁ।
ଏଥିରେ କୁହାଯାଇଛି ଯେ ମାଲିକାନା ନଥିବା କ୍ଲବ୍, ତାରକା ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଘରୋଇ ହୋଟେଲଗୁଡ଼ିକୁ, ଯଦିଓ ସେମାନଙ୍କୁ ମଦ ସଂରକ୍ଷଣ ଏବଂ ଯୋଗାଣ ପାଇଁ ବିଭିନ୍ନ ବର୍ଗର ଲାଇସେନ୍ସ ପ୍ରଦାନ କରାଯାଇଛି, ସେମାନଙ୍କୁ ମଧ୍ୟ ମଦ ବିକ୍ରି କରିବାକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ। ଦିଲ୍ଲୀର ସମସ୍ତ ୭୦ଟି ଆସନ ପାଇଁ ଫେବୃୟାରୀ ୫ ତାରିଖରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ ଏବଂ ଫଳାଫଳ ଫେବୃୟାରୀ ୮ ତାରିଖରେ ଘୋଷଣା କରାଯିବ। ବିଧାନସଭା ନିର୍ବାଚନରେ ମୋଟ ୬୯୯ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। ଏମାନଙ୍କ ମଧ୍ୟରୁ ୯୬ ଜଣ ମହିଳା ନିର୍ବାଚନ କ୍ଷେତ୍ରରେ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି ।

